RNI No.ODIODI/2010/33031
୧୭ ବର୍ଷ Volume-17
ISSUE -03 ସଂଖ୍ୟା-୦୩
ଭୁବନେଶ୍ୱର, ଶନିବାର ୦୭ ମାର୍ଚ୍ଚ ୨୦୨୬
Bhubaneswar, Saturday 07 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଇଫ୍‌କୋ ସଲ୍‌ଫୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟିତ

ପାରାଦୀପ,୬।୩(ନି.ପ୍ର.): ପ୍ରଥମେ, ମୁଁ ଦେଶର ବରେଣ୍ୟ ଜନନେତା, ଦୃଢ଼ ପ୍ରଶାସକ, ଗୃହ ଏବଂ ସହକାରୀତା ମନ୍ତ୍ରୀ, ମାନନୀୟ ଶ୍ରୀ ଅମିତ ଶାହାଜୀଙ୍କୁ ଓଡ଼ିଶାର ବନ୍ଦର ନଗରୀ ପାରାଦୀପକୁ ସ୍ୱାଗତ କରୁଛି ।ଅମିତ ଶାହା ଦେଶର ଜଣେ ଦୃଢ ଏବଂ ଦୃତ ନିଷ୍ପତ୍ତି ଗ୍ରହଣ କରୁଥିବା ନେତା ଭାବେ ଜଣାଶୁଣା । ସେ ଯାହା କୁହନ୍ତି, ତାହା କରିକି ଦେଖାଇଥାନ୍ତି । ଧାରା ୩୭୦ ହେଉ କିମ୍ବା ଦେଶକୁ ନକ୍ସଲମୁକ୍ତ କରିବା, ଯାହା ପୂର୍ବରୁ ଅସମ୍ଭବ ମନେ ହେଉଥିଲା, ଶାହାଜୀ କରି ଦେଖାଇଛନ୍ତି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୃଷ୍ଟିକୋଣକୁ କାର୍ଯ୍ୟକାରୀ କରିବାରେ ଶାହାଜୀଙ୍କ ପରି ଆଉ କୌଣସି ନେତା ନାହାନ୍ତି । ଏପରି ଦୃଢ଼ ଏବଂ କଠିନ ନିଷ୍ପତ୍ତିର ସଫଳ କାର୍ଯ୍ୟାନ୍ୱୟନ ସର୍ବଦା ସ୍ମରଣୀୟ ରହିବ ।

ଶାହାଜୀ ସହକାରୀତା ବିଭାଗର ଦାୟିତ୍ୱ ନେବା ପରଠାରୁ, ଏହି ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ସମବାୟ କ୍ଷେତ୍ରରେ ଗୁଜରାଟ ହେଉଛି ଦେଶର ପ୍ରମୁଖ ମଡେଲ । ଗୁଜରାଟରେ ସମବାୟ ଆନ୍‌ଦୋଳନର ସଫଳତାର ପ୍ରମୁଖ ଶ୍ରେୟ ମାନନୀୟ ଶାହା ଜୀଙ୍କୁ ଯାଇଥାଏ । ଆଜି ଓଡିଶାରେ ଏହି ଯେଉଁ ପ୍ଲାଣ୍ଟ ଉଦ୍‌ଘାଟନ ହେଲା, ଏହା ସମବାୟ କ୍ଷେତ୍ରକୁ ଶାହାଜୀଙ୍କ ଅବଦାନର ଆଉ ଏକ ପ୍ରମାଣ ।ଆଜି ସନ୍ଧ୍ୟାରେ ମଧ୍ୟ, ଭୁବନେଶ୍ୱରରେ, ଶାହାଜୀଙ୍କ କରକମଳରେ, ଓଡ଼ିଶାର ନୂତନ ସମବାୟ ନୀତି ଉନ୍‌ମୋଚିତ ହେବାକୁ ଯାଉଛି । ଏଥି ସହିତ ଅନେକ ନୂତନ ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି । ଓଡ଼ିଶାର ସମବାୟ କ୍ଷେତ୍ରରେ ଆଜିଠାରୁ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ଇଫ୍‌କୋ ଆମ ଦେଶର ସର୍ବବୃହତ କୋ-ଅପରେଟିଭ୍ ସଂସ୍ଥା ମଧ୍ୟରୁ ଗୋଟିଏ । ସାର ଉତ୍ପାଦନରେ ଏହା ସାରା ବିଶ୍ୱରେ ଏକ ନମ୍ବର । ୟୁରିଆ ଓ ପଟାସ୍ ଜାତୀୟ ସାର ପ୍ରସ୍ତୁତ କରିବାରେ ଇଫ୍‌କୋ ହେଉଛି ଦେଶର ଅଗ୍ରଣୀ ସଂସ୍ଥା । ଏଥିରେ ଏହି ପାରାଦୀପ ୟୁନିଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇଫ୍‌କୋର ଏହି ୟୁନିଟ୍ ଏକ ଘରୋଇ ଉଦ୍‌ୟୋଗ ଥିଲା, କିନ୍ତୁ ତାହା ଅଚଳ ହୋଇପଡିଥିଲା । ଇଫ୍‌କୋ ଏହାକୁ ଅଧିଗ୍ରହଣ କରିବା ପରେ ଆଜି ଏହା ଦେଶର ସାର ଉତ୍ପାଦନରେ ଏକ ଅଗ୍ରଣୀ ଭୂମିକା ନେଇ ଚାଷୀ ମାନଙ୍କର ଆବଶ୍ୟକତାକୁ ପୂରଣ କରୁଛି । ୨୦୦୫-୦୬ ରେ ଏହାର ଉତ୍ପାଦନ ପ୍ରାୟ କିଛି ନଥିଲା, ଆଜି ଏହା ତାର ସମ୍ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ କରୁଛି । ଆଜିର ଏହି ସଲ୍‌ଫୁରିକ୍ ଏସିଡ୍ ପ୍ଲାଣ୍ଟ ଷ୍ଟ୍ରିମ୍-୩ ର ଉଦ୍‌ଘାଟନ ଯୋଗୁ, ସାର ଉତ୍ପାଦନ କ୍ଷେତ୍ରରେ ଆଜି ଆମେ ଆତ୍ମନିର୍ଭରତା ଆଡକୁ ଆଉ ଏକ ପାଦ ଆଗକୁ ବଢିପାରିଛୁ । ଏଥିରେ ଦିନକୁ ପ୍ରାୟ ୨ ହଜାର ଟନ୍ ସଲ୍‌ଫୁରିକ୍ ଏସିଡ୍ ଉତ୍ପାଦନ ହେବ । ବର୍ଷକୁ ୬ ଲକ୍ଷ ମେଟ୍ରିକ୍ ଟନ୍ ସଲଫୁରିକ୍ ଏସିଡ୍ ଆମେ ବିଦେଶରୁ ଆମଦାନୀ କରୁ । ଏହି ପ୍ଲାଣ୍ଟ ସଂପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଦେଶକୁ ଆଉ ଆମଦାନୀ କରିବାକୁ ପଡିବ ନାହିଁ । ଇଏ ହେଉଛି ଆତ୍ମନିର୍ଭର ଭାରତର ଆଉ ଏକ ନିଦର୍ଶନ । ଏଥିପାଇଁ ମୁଁ ଶାହାଜୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।

କୃଷକ ମାନଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଆଜି ଆମକୁ ସାର ଉତ୍ପାଦନରେ ଆତ୍ମନିର୍ଭର କରୁଛି । ପ୍ରଧାନମନ୍ତ୍ରୀଜୀ କୃଷକ ମାନଙ୍କୁ ଅନ୍ନଦାତା ଭାବରେ ସମ୍ବୋଧନ କରି ସମ୍ମାନ ପ୍ରଦର୍ଶନ କରନ୍ତି । କାରଣ କୃଷକ ମାନେ ହିଁ ଆମ ଦେଶକୁ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭର କରିଛନ୍ତି ।

ଏବେ ଆମର କୃଷକ ଭାଇ ମାନେ ସାର ଉତ୍ପାଦନରେ ମଧ୍ୟ ଆମକୁ ଆତ୍ମନିର୍ଭର କରିବାରେ ସଫଳତା ହାସଲ କରିଛନ୍ତି । ଇଏ ହେଉଛି ବିକଶିତ ଭାରତର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଉଦାହରଣ ।

ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ହେଉଛି ସିଆଇଏସଏଫ : ଶାହ

କଟକ,୬।୧(ନି.ପ୍ର.): ଆଜି ଓଡିଶା ଗସ୍ତରେ ଆସିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ବିଏସ୍‌ଏଫ୍‌ର ସ୍ୱତନ୍ତ୍ର ବିମାନରେ ଅମିତ ଶାହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧା ମୁଣ୍ଡଳିକୁ ଯାଇ ସେଠାରେ ଥିବା କେନ୍ଦ୍ର ଶିଳ୍ପ ସୁରକ୍ଷା ବଳ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେଠାରେ ବ୍ରେଭହାର୍ଟ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶାହ ସିଆଇଏସଏଫ୍ ଭୂମିକାକୁ ପ୍ରଶଂସା କରି କହିଛନ୍ତି, 'ଦେଶର ଔଦ୍‌ୟୋଗିକ ବିକାଶର ସମ୍ଭାବନା ସିଆଇଏସଏଫ ବିନା ଅସମ୍ଭବ । ଏହା ଆଧୁନିକତାକୁ ଆପଣେଇଛି ଓ ପରମ୍ପରାକୁ ବି ଜାବୁଡ଼ି ଧରିଛି । ବୀରତ୍ୱ ଓ ତ୍ୟାଗର ଅନନ୍ୟ ପ୍ରମାଣ ହେଉଛି ସିଆଇଏସଏଫ । ୨୦୪୭ ବିକଶିତ ଭାରତ ପାଇଁ ଉଓଝର ଭୂମିକା ଗୁରୁତ୍ୱପୂର୍ଣ୍ଣ । ୭୦ ବିମାନ ବନ୍ଦର ସହ ୩୬୧ଟି ପ୍ରମୁଖ ସଂସ୍ଥାନକୁ ସୁରକ୍ଷା ଦେଉଛି ସିଆଇଏସଏଫ । ଏଥିସହ ସେ ଆହୁରି ମଧ୍ୟ କହିଛନ୍ତି, ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦ ମୁକ୍ତ ଲକ୍ଷ୍ୟ ରହିଛି । ନକ୍ସଲମୁକ୍ତ ଅଭିଯାନରେ ସୁରକ୍ଷାବଳଙ୍କ ଭୂମିକା ଅନନ୍ୟ । ସିଆଇଏସଏଫ ଯବାନ କଠିନ ପରିସ୍ଥିତିରେ କର୍ତ୍ତବ୍ୟପାଳନ କରିଆସୁଛନ୍ତି । ମାଓବାଦୀଙ୍କ ତିରୁପତିରୁ ପଶୁପତି ରେଡ୍ କରିଡର୍ ସ୍ୱପ୍ନ ଧୂଳିସାତ ହେବ । ଆମ ସୁରକ୍ଷାକର୍ମୀ ସେମାନଙ୍କୁ ପରାସ୍ତ କରି ପ୍ରଭୁତ୍ୱ ଦେଖାଇବେ ବୋଲି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ।

ଏହାସହ ସୁରକ୍ଷା ବଳକୁ ଆହୁରି ସଶକ୍ତ କରିବା ପାଇଁ ବଡ ଘୋଷଣା କରିଛନ୍ତି ଶାହ । ସୁରକ୍ଷା ବଳ ପାଇଁ ଆହୁରି ଅର୍ଥ ଆବଶ୍ୟକତା ପରିଲକ୍ଷିତ କରି ବଡ ଅର୍ଥ ରାଶି ଘୋଷଣା କରିଛନ୍ତି । ଏହି ଅବସରରେ ସିଆଇଏସଏଫ ପାଇଁ ୮୮ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଶାହ ।

ଏସ୍‌ଆଇଆର : ୯୦% ସରିଛି ମ୍ୟାପିଂ

ଭୁବନେଶ୍ୱର,୬।୩(ନି.ପ୍ର.): ରାଜ୍ୟରେ ଏସ୍‌ଆଇଆରକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୯୦% ମ୍ୟାପିଂ କରାସରିଛି । ୨୦୨୫ ଭୋଟର ତାଲିକାରେ ଅଛନ୍ତି, ୨୦୦୨ରେ ବି ଥିଲେ ବିଏଲ୍‌ଓଙ୍କୁ ଜଣାଇବେ । ତେବେ ୨୦୦୨ରେ କେଉଁ ନିର୍ବାଚନମଣ୍ଡଳୀରେ ଥିଲେ ବିଏଲ୍‌ଓଙ୍କୁ ଜଣାଇବେ । ଆମେ ନିଜ ଆଡୁ ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ କରିସାରିଛୁ । ଏହାର ଅର୍ଥ ୨୦୨୫ ଭୋଟର ତାଲିକାରେ ଥିବା ୯୦%ଙ୍କୁ ଟ୍ରେସିଂ କରିପାରିଛ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷେ ସେ କହିଛନ୍ତି, ୨୦୨୫ ତାଲିକାରେ ଥିବା ୯୦% ୨୦୦୨ ତାଲିକାରେ ବି ଅଛନ୍ତି । ଆଉ ୧୦ ପ୍ରତିଶତ ଆମ ପାଇଁ କଷ୍ଟକର, ସହରାଞ୍ଚଳ ପାଇଁ ସମସ୍ୟା । ଯଦି ୨୦୦୨ରେ ଆପଣଙ୍କ ନାଁ ନ ଥିଲା, ଆପଣଙ୍କ ବାପାମାଆଙ୍କୁ ଖୋଜାଯିବ । ୯୫% ମ୍ୟାପିଂ ଆମର ଲକ୍ଷ୍ୟ, ଏଭଳି ହେଲେ ସମସ୍ତଙ୍କ ପାଇଁ ସୁବିଧା ହେବ ବୋଲ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

୫ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ

ଭୁବନେଶ୍ୱର୬।୩(ନି.ପ୍ର.):: ଓଡିଶାର ୪ ରାଜ୍ୟସଭା ଆସନ ପାଇଁ ସରିଲା ନାମାଙ୍କନପତ୍ରର ଯାଞ୍ଚ । ଶୁକ୍ରବାର ଯାଞ୍ଚ ପରେ ମଇଦାନକୁ ଓହ୍ଲାଇଥିବା ୫ ମହାରଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଏବଂ ବିଜେଡିରୁ ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ସେହିଭଳି ଚତୁର୍ଥ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲା କରିଥିବା କମନ ପ୍ରାର୍ଥୀ ରାଜ୍ୟର ସୁନାମଧନ୍ୟ ଡାକ୍ତର ପ୍ରଫେସର ଦେ୍ୱଶ୍ୱର ହୋତା ପ୍ରାର୍ଥୀପତ୍ର ମଧ୍ୟ କାଏମ ରହିଛି ।

ପ୍ରକାଶ ପାଇଲା ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ରେଜଲ୍ଟ

ଅନୁଜ ଅଗ୍ନିହୋତ୍ରୀ ଟପ୍ପର

ନୂଆଦିଲ୍ଲୀ୬।୩: ୟୁନିଅନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସସି) ଆଜି ସିଭିଲ୍ ସର୍ଭିସେସ୍ ପରୀକ୍ଷା (ସିଏସ୍‌ଇ) ଫାଇନାଲ୍ ରେଜଲ୍ଟ ୨୦୨୫ ଘୋଷଣା କରିଛି । ଚଳିତଥର ଅନୁଜ ଅଗ୍ନିହୋତ୍ରୀ ଏହି ସମ୍ମାନଜନକ ପରୀକ୍ଷାରେ ଶୀର୍ଷ ସ୍ଥାନ ହାସଲ କରି ଟପ୍ପର ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ସେ ୧ ନମ୍ବର ରାଙ୍କ ହାସଲ କରିଛନ୍ତି । ସେହିପରି ଦ୍ୱିତୀୟରେ ରାଜେଶ୍ୱରୀ ସୁଭେ ଏମ, ତୃତୀୟ ସ୍ଥାନରେ ଅକାଂଶ ଧୂଳ, ଚତୁର୍ଥରେ ରାଘବ ଝୁନଝୁନୱାଲା, ପଞ୍ଚମରେ ଇଶାନ ଭଟ୍ଟନାଗର, ଷଷ୍ଠରେ ଜିନିଆ ଅରୋରା, ସପ୍ତମରେ ରାଜାହ ମହାଇଦ୍ଦିନ, ଅଷ୍ଟମରେ ପକ୍ଷାଲ ସେକ୍‌ରେଟ୍ରି, ନବମରେ ଆସ୍ଥା ଜୈନ, ଦଶମରେ ଉଜ୍ଜ୍ୱଳ ପ୍ରିୟଙ୍କ ରହିଛନ୍ତି ।

ୟୁପିଏସସି ସିଭିଲ୍ ସର୍ଭିସେସ୍ ୨୦୨୫ ପରୀକ୍ଷାରେ ଟପ୍ କରିଥିବା ଅନୁଜ ଅଗ୍ନିହୋତ୍ରୀ ରାଜସ୍ଥାନର ରାଓ୍ୱତଭାଟାରୁ ଆସିଛନ୍ତି । ରାଓ୍ୱତଭାଟା ହେଉଛି ରାଜସ୍ଥାନର ଚିତ୍ତୋରଗଡ଼ ଜିଲ୍ଲାରେ ଅବସ୍ଥିତ ଏକ ସହର । ଅନୁଜ ଅଗ୍ନିହୋତ୍ରୀ ରାଓ୍ୱତଭାଟାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ତାଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ସେ ନିଜେ ଏକ ସାକ୍ଷାତକାରରେ ଏହି ସୂଚନା ପ୍ରକାଶ କରିଥିଲେ ।

ଅନୁଜ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି ଯେ ସେ ରାଓ୍ୱତଭାଟାରେ ତାଙ୍କର ସ୍କୁଲ୍ ଶିକ୍ଷା ସମାପ୍ତ କରିଛନ୍ତି । ସେ ସେହି ସାକ୍ଷାତକାରରେ ଏହା ମଧ୍ୟ କହିଛନ୍ତି ଯେ ସେ ଅଧିକ ପାଠପଢ଼ା ପାଇଁ ଯୋଧପୁର ଚାଲି ଆସିଥିଲେ । ସେ ଏମ୍ସ ଯୋଧପୁରରୁ ତାଙ୍କର

ଏମବିବିଏସ୍ ସମାପ୍ତ କରିଥିଲେ । ସେ ୨୦୨୨ ମସିହାରେ ତାଙ୍କର ଏମବିବିଏସ୍ ଡିଗ୍ରୀ ସମାପ୍ତ କରିଥିଲେ । ପରବର୍ତ୍ତୀ ସମୟରେ ସେ ସିଭିଲ୍ ସର୍ଭିସେସ୍ ପାଇଁ ପ୍ରସ୍ତୁତି ପାଇଁ ଏକ କୋଚିଂ ପ୍ରତିଷ୍ଠାନରେ ଯୋଗ ଦେଇଥିଲେ । ବର୍ତ୍ତମାନ, ସେ ସର୍ବଭାରତୀୟ ସ୍ତରରେ ୨୦୨୫ ପରୀକ୍ଷାରେ ଟପ୍ପର ହୋଇ ରାଜସ୍ଥାନ, ରାଓ୍ୱତଭାଟା ଏବଂ ଭାରତ ପାଇଁ ଗୌରବ ଆଣିଛନ୍ତି ।

ଚଳିତଥର ମୋଟ ୯୫୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏହାର ପ୍ରିଲିମ୍ସ ପରୀକ୍ଷା ୨୫ ମେ ୨୦୨୫ରେ ଅନୁଷ୍ଠିତ ହୋଇଥିଲା । ମେନ୍ ପରୀକ୍ଷା ୨୨ ଅଗଷ୍ଟ ରୁ ୩୧ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଶେଷ ପର୍ଯ୍ୟାୟ, ବ୍ୟକ୍ତିତ୍ୱ ପରୀକ୍ଷା ବା ସାକ୍ଷାତକାର, ୨୭ ଫେବୃଆରୀ, ୨୦୨୬ ରେ ଶେଷ ହୋଇଥିଲା । ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏବେ ଅଫିସିଆଲ୍ ୱେବସାଇଟ୍, ଅର୍ଥାତ୍ upsc.gov.inରେ ଚୂଡ଼ାନ୍ତ ମେରିଟ୍ ଲିଷ୍ଟ ଯାଞ୍ଚ କରିପାରିବେ । କମିଶନ ବିଭିନ୍ନ ସେବା ପାଇଁ ମନୋନୀତ ପ୍ରାର୍ଥୀଙ୍କ ନାମ ସହିତ ପିଡିଏଫ ଫର୍ମାଟରେ ମେରିଟ୍ ଲିଷ୍ଟ ପ୍ରକାଶ କରିଛି ।

ସିଭିଲ୍ ସର୍ଭିସ୍ ପରୀକ୍ଷାକୁ ବିଶ୍ୱର ସବୁଠାରୁ କଠିନ ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ପ୍ରତିବର୍ଷ, ଲକ୍ଷ ଲକ୍ଷ ଆଶାୟୀ ପରୀକ୍ଷା ଦିଅନ୍ତି, କିନ୍ତୁ ପ୍ରାଥମିକ ପରୀକ୍ଷା, ମୁଖ୍ୟ ପରୀକ୍ଷା ଏବଂ ବ୍ୟକ୍ତିତ୍ୱ ପରୀକ୍ଷା ତିନୋଟି ପର୍ଯ୍ୟାୟ ଉତ୍ତୀର୍ଣ୍ଣ ହେବା ପରେ କେବଳ ଏକ ଛୋଟ ଅଂଶ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଆନ୍ତି ।

ସେୟାର ବଜାର ଉପରେ ଯୁଦ୍ଧର ପ୍ରଭାବ

ସେନ୍‌ସେକ୍ସ ୧୦୯୭ ପଏଣ୍ଟ ଖସିଲା

ମୁମ୍ବାଇ,୬।୩(ନି.ପ୍ର.): ସପ୍ତାହର ଶେଷ କାରବାର ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୦୯୭ ପଏଣ୍ଟ ହ୍ରାସ ପାଇ ୭୮,୯୧୮ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୩୧୫ ପଏଣ୍ଟ ହ୍ରାସ ପାଇ ୨୪,୪୫୦ ପଏଣ୍ଟରେ ବନ୍ଦ ହୋଇଛି । ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ପ୍ରଭାବରେ ଦେଖାଦେଇଥିବା ଭୂରାଜନେତିକ ସଙ୍କଟ ପାଇଁ ନିବେଶକମାନେ ଛାନିଆ ହୋଇ ସେୟାର ବିକ୍ରି କରୁଛନ୍ତି ।

ବିଶେଷ କରି ଯୁଦ୍ଧରେ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡିକର ସେୟାର ଅଧିକ ବିକ୍ରି ହେଉଛି ।ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଆଇଟିସି, ଏସିଆନ୍ ପେଣ୍ଟସ୍, ଟାଇଟାନ୍, ଟିସିଏସ୍, ଟାଟା ଷ୍ଟିଲ୍, ଲ ହିନ୍ଦୁସ୍ଥାନ ୟୁନିଲିଭର୍, ବଜାଜ ଫାଇନାନ୍ସ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ଟ୍ରେଣ୍ଟ୍, ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍‌ଇଜେଡ୍, ଭାରତୀ ଏୟାରଟେଲ୍, ଇଣ୍ଡିଗୋ, ମାରୁତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଇଟରନାଲ୍ ଓ ଆଇସିଆଇସିଆଇ ବ୍ୟାଙ୍କର ସେୟାର ମୂଲ୍ୟ ହ୍ରାସ ପାଇଛି । ସେହି ସମୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏନ୍‌ଟିପିସି, ସନ୍ ଫାର୍ମା, ଇନ୍‌ଫୋସିସ୍, ଏଚ୍‌ସିଏଲ୍ ଟେକ୍ ଓ ପାୱାରଗ୍ରିଡ୍‌ର ସେୟାର ମୂଲ୍ୟ ବଢିଛି ।

ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦେଶର ଷ୍ଟକ୍ ବଜାରରେ କାରବାର ପ୍ରାୟ ମାନ୍ଦା ରହିଛି । ଏସିଆରେ ଦକ୍ଷିଣ କୋରିଆର କୋପ୍‌ସି ୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ହଂକଂର ହାଙ୍ଗ ସେଙ୍ଗ୍ ୨ ପ୍ରତିଶତ ବଢିଥିଲା । ଚୀନ୍‌ର ସାଂଘାଇ କମ୍‌ପୋଜିଟ୍ ଇଣ୍ଡେକ୍ସ ୦.୨୫ ପ୍ରତିଶତ ବଢିଛି । ଜାପାନର ନିକେଇ ଅପରିବର୍ତ୍ତିତ ରହିଛି । ୟୁରୋପରେ ଜର୍ମାନୀର ଡିଏଏକ୍ସ ୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ଫ୍ରାନ୍ସର ସିଏସି ଓ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ ୧୦୦ ସୂଚୀ ୧.୫ ପ୍ରତିଶତ ଲେଖାଏଁ ହ୍ରାସ ପାଇଛି । ବୈଦେଶିକ ସଂସ୍ଥାଗତ ନିବେଶକମାନେ ଭାରତୀୟ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଛନ୍ତି । ଗତ ଅଧିବେଶନରେ ସେମାନେ ୩୫୭୨ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ । ଚଳିତ ମାସରେ ବିଦେଶୀ ନିବେଶକମାନେ ୨୧,୪୩୬ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିଛନ୍ତି । ତେବେ ଘରୋଇ ନିବେଶକମାନେ ନିବେଶ ଜାରି ରଖିଥିବାରୁ ଏହାର ପ୍ରତିକୂଳ ପ୍ରଭାବ ଅନେକାଂଶରେ ଦୂର ହୋଇଛି । କିନ୍ତୁ ସାମଗ୍ରିକ ଭାବେ ବଜାର ସ୍ଥିତିରେ ସୁଧାର ଆଣିବା ପାଇଁ ତାହା ଯଥେଷ୍ଟ ନୁହେଁ ।

ରାଜଧାନୀରେ ୨୪ ଘଣ୍ଟାରେ ୩ ଶିଶୁ ନିଖୋଜ

ଭୁବନେଶ୍ୱର୬।୩(ନି.ପ୍ର.): ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ । ୨୪ ଘଣ୍ଟାରେ ୨ ଜଣ ନାବାଳିକାଙ୍କ ସମେତ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି । ଏନେଇ ସମାଜିକ ଗଣମାଧ୍ୟମରେ ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ ହ୍ୟାଣ୍ଡଲରୁ ଆଜି (ଶୁକ୍ରବାର) ପୋଷ୍ଟର ଜାରି କରାଯାଇଛି । ପୋଲିସ ଟିମ୍ ନାବାଳିକାଦ୍ୱୟଙ୍କୁ ଖୋଜା ଖୋଜି ଜାରି ରଖିଛି । ଯିଏ ସୂଚନା ଦେବ, ତାକୁ ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଛି । ଏନେଇ ପୋଲିସ ହେଲ୍ପ ଲାଇନ ନମ୍ବର ଜାରି କରିଛି । ନିଖୋଜ ପିଲାଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କାର ପୁରସ୍କାର ରାଶି ମିଳିବା ନେଇ ମଧ୍ୟ ଘୋଷଣା କରାଯାଇଛି ।

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ନାବାଳିକା ଦ୍ୱୟ ଗତକାଲି (ଗୁରୁବାର) ରାତିରେ ଘରୁ କେଉଁଆଡ ପଳାଇ ଯାଇଛନ୍ତି । ଦୁଇ ନାବାଳିକା ହେଲେ ସାଲିଆ ସାହି ତାରିଣୀ ନଗରର ସନ୍ତୋଷ ଦେହୁରୀଙ୍କ ଝିଅ ସୁମିତ୍ରା ଦେହୁରୀ ଓ ହାତିଆଶୁଣି ନଗରର ଶ୍ରୀଧର ନାୟକଙ୍କ ଝିଅ ଶୁଭଶ୍ରୀ ନାୟକ । ନିଖୋଜ ଘଟଣାରେ ଖବର ଦେଲେ ୨୫ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି ।

ଭୁବନେଶ୍ୱରର ସାଲିଆସାହିର ଦୁଇ ନାବାଳିକା ସୁମିତ୍ରା ଏବଂ ଶୁଭଶ୍ରୀ ଘରୁ ବାହାରି ଯାଇ ଏପର୍ଯ୍ୟନ୍ତ ଫେରି ନାହାନ୍ତି ବୋଲି ପୋଷ୍ଟରରେ କୁହାଯାଇଛି । ଏନେଇ (୯୪୩୭୧୨୩୪୯୬ / ୯୦୯୦୨୮୯୨୩୦/ ୯୭୭୭୯୨୮୯୧୧) ଖବର

ଆସ୍କା ବିଜେଡି ସାଂସଦ ପାର୍ଥନି ରଞ୍ଜିତା ସାହୁଙ୍କ ନେତୃତ୍ୱକୁ କବିସୂର୍ଯ୍ୟନଗର ବିଜେଡିର ବିରୋଧ

କବିସୂର୍ଯ୍ୟନଗର,୬।୩:(ମନ୍ଥନ) ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ଏବେ ଫାଳ ଫାଳ, ନା ଅଛି ସଂଗଠନ ନା ଅଛି ନେତୃତ୍ୱର ଚେହେରା, ଏଠି ବିଜେଡି କର୍ମୀ ହତାଶ ଥିବାବେଳେ ଯୁବ ବର୍ଗଙ୍କ ନେତୃତ୍ୱ ନେଉଥିବା ପ୍ରମୋଦ କୁମାର ପଣ୍ଡା ନିର୍ବାଚିତ ପ୍ରତିନିଧି ଓ ସଂଗଠନକୁ ବଞ୍ଚାଇ ରଖିବା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି । ଅନ୍ୟପଟେ ପୂର୍ବତନ ବିଧାୟିକା ଲତିକା ପ୍ରଧାନ ନିର୍ବାଚନରେ ପରାଜୟ ପରେ ଦଳର କାର୍ଯ୍ୟକ୍ରମ ରେ ସାମିଲ ହେଉନଥିବା ବେଳେ ସାଂଘାଠନିକ କ୍ଷେତ୍ରରେ ଅଦୃଶ୍ୟ ରହିଥିବା ଦେଖିବାକୁ ମିଳିଛି ।ସେପଟେ ବହୁ ବର୍ଷ ଧରି ବିଜେଡି ଦଳରୁ ନିଲମ୍ବିତ ନେତା ତଥା ନିଜର ନିର୍ବାଚନ ମଣ୍ଡଳୀର ନେତା କହୁଥିବା ପୂର୍ବତନ କୋଦଳା ଏନ ଏସି ର ନଗର ପାଳ ହରପ୍ରସାଦ ସାହୁ ସିଜନ ଆସିଲେ ଆସନ୍ତି କର୍ମୀ ଙ୍କ ପାଖକୁ ଆଉ ନିର୍ବାଚନ ସରିଲେ ଭୁଲି ଯାଆନ୍ତି ଦଳର କର୍ମୀ ଓ ଆଗ ଧାଡିରେ ଥିବା ନେତାଙ୍କୁ । ଚଳିତ ନିର୍ବାଚନରେ ବିଜେଡି ଆସ୍କା ସାଂସଦ ପାଇଁ ହରପ୍ରସାଦ ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କୁ ଅତି ମାତ୍ରା ରେ ବିଶ୍ୱାସ ଓ ଭରଷା କରି ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନା ପାଇଁ ଦଳୀୟ ଟିକଟ ପ୍ରଦାନ କରିଥିଲେ ହେଲେ ଦୃଭାଗ୍ୟର କଥା ଏହି ଲୋକସଭା ଆସନାଟି ସବୁବେଳେ ବିଜେଡି ଦଖଲରେ ରହି ଆସୁଥିବା ବେଳେ ରଞ୍ଜିତା ସାହୁ ଲଜ୍ଜା ଜନକ ଭାବେ ପରାଜୟ ହେବା ସହ ନିଜ ଆସ୍କା ସଂସଦୀୟ କ୍ଷେତ୍ରର ସମସ୍ତ ବିଜେଡି ବିଧାୟକ ପରାଜୟର ସ୍ୱାଦ ଚଖିବା ପାଇଁ ପଡିଥିଲା । ଗତ ୨୦୨୫ ରେ ବିଜେଡିର ଆଗ ଧାଡ଼ିର ନେତା ବୋଲାଉ ଥିବା ହରପ୍ରସାଦ ସାହୁ ଓ ଝିଅ ରଂଜିତା ସାହୁ ବିଜୁ ଜନତା ଦଳର ପ୍ରତିଷ୍ଠାତା ତଥା ବିକାଶ ପୁରୁଷ ବିଜୁ ବାବୁଙ୍କ ପ୍ରତିଷ୍ଠା ଦିବସ କୁ ଭୁଲି ଯାଇଥିଲେ, ନିର୍ବାଚନ ମଣ୍ଡଳୀର କୌଣସି ସ୍ଥାନରେ ମଧ୍ୟ ବିଜୁ ବାବୁଙ୍କ ପ୍ରତିଷ୍ଠା ଦିବସ ପାଳନ କରାଗଲା ନାହିଁ ଯାହାକି ସବୁଠାରୁ ଲଜ୍ଜା ଜନକ ବିଷୟ ବୋଲି ସହର ରେ ଚର୍ଚ୍ଚା ଜୋର ଧରିଛି । ବର୍ତ୍ତମାନ ସମୟରେ ଦଳର ସ୍ଥିତି ଠିକ ନଥିବା ବେଳେ ପ୍ରମୋଦ ପଣ୍ଡା ନିଜର ସ୍ଥାୟୀତ୍ୱ ବଜାୟ ରଖି ଦଳର ସଙ୍ଗଠନକୁ ମଧ୍ୟ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବଜାୟ ରଖିଛନ୍ତି, ହେଲେ ଦଳ ସୁପ୍ରିମ କେଉଁ ଆଧାରରେ ରଞ୍ଜିତାଙ୍କ ସମର୍ଥକ ଲୋକଙ୍କୁ ବ୍ଲକ ଓ ଏନଏସି ସଭାପତି ଘୋଷଣା କଲେ ତାହାକୁ ନେଇ ଦଳ ଭିତରେ ରଞ୍ଜିତା ସାହୁଙ୍କୁ ଜୋରଦାର ବିରୋଧ କରାଯାଉଥିବା ଚିତ୍ର ଏବେ ପଦାକୁ ଆସିଛି । ବ୍ଲକ ଓ ଏନ ଏ ସି ସଭାପତି ଚୟନ ପରେ ଏହାକୁ ଖୋଲାଖୋଲି ବିରୋଧ କରିଛନ୍ତି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳରର କାର୍ଯ୍ୟକର୍ତ୍ତା । ତାହଲେ ଦେଖିବାକୁ ବାକି ରହିଲାୟ ଦଳର ମୁଖିଆ । ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ଆଙ୍କୁଶପୁର ମାଁ ଦକ୍ଷିଣକାଳୀ ମନ୍ଦିର ନବକଳେବର ଅବସରରେ ଜଳଯାତ୍ରା

କୁକୁଡାଖଣ୍ଡି,୬।୩:(ମନ୍ଥନ) କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ମାଁ ଦକ୍ଷିଣକାଳୀ ମନ୍ଦିରର ନବକଳେବର ଅବସରରେ ଭକ୍ତିମୟ ପରିବେଶ ମଧ୍ୟରେ ଭବ୍ୟ ଜଳଯାତ୍ରା ଆୟୋଜିତ ହୋଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମହିଳା ଭାଗ ନେଇଥିଲେ। ସକାଳୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ଼ ଲାଗିଥିଲା । ମହିଳାମାନେ ପାରମ୍ପରିକ ପୋଷାକ ପରିଧାନ କରି ଶିରୋପରି ପୂଜା କଳସ ବୋହି ମଙ୍ଗଳଧ୍ୱନି ଓ ହରିନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଢୋଲ, ମହୁରୀ ଧ୍ୱନିରେ ସମଗ୍ର ଗ୍ରାମ ପରିବେଶ ଉତ୍ସବମୟ ହୋଇଯାଇଥିଲା । ଜଳଯାତ୍ରା ଗ୍ରାମର ନିର୍ଦ୍ଦିଷ୍ଟ ପବିତ୍ର ଜଳାଶୟରୁ ପବିତ୍ର ଜଳ ସଂଗ୍ରହ କରି ମନ୍ଦିର ପରିସରକୁ ପହଞ୍ଚିଥିଲା । ଏହା ପରେ ବିଧିବତ ଭାବେ ନବକଳେବର ନିମନ୍ତେ ବିଶେଷ ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଉତ୍ସବକୁ ସୁଚାରୁ ଭାବେ ପରିଚାଳନା ପାଇଁ ସ୍ଥାନୀୟ ପ୍ରଶାସନ, ପୁଲିସ ବିଭାଗ ଓ ସ୍ୱେଚ୍ଛାସେବୀମାନେ ବ୍ୟାପକ ବ୍ୟବସ୍ଥା କରିଥିଲେ । ସୁରକ୍ଷା ଓ ଯାତାୟାତ ନିୟନ୍ତ୍ରଣରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହି ନବକଳେବର ଉତ୍ସବ ଅଞ୍ଚଳର ଧାର୍ମିକ ଏକତା, ସାମୁଦାୟିକ ସମ୍ମିଳନ ଓ ଭକ୍ତିଭାବର ଏକ ଅଦ୍ଭୁତ ଦୃଶ୍ୟ ପ୍ରଦର୍ଶନ କରିଛି । ଭକ୍ତମାନଙ୍କ ମନରେ ଆନନ୍ଦ ଓ ଆଧ୍ୟାତ୍ମିକ ଉତ୍ସାହର ଲହରୀ ସୃଷ୍ଟି ହୋଇଥିଲା ।

କୁକୁଡାଖଣ୍ଡି ବ୍ଲକରେ ବିଜୁବାବୁଙ୍କ ୧୧୦ ତମ ଜୟନ୍ତୀ ପାଳିତ

କୁକୁଡ଼ାଖଣ୍ଡି,୬।୩:(ମନ୍ଥନ) ଓଡ଼ିଶାର ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ 'ବିଜୁ ବାବୁଙ୍କ' ୧୧୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । କୁକୁଡ଼ାଖଣ୍ଡି ବିଜୁ ଜନତା ଦଳର ସଭାପତି ବି ରବିନ୍ଦ୍ରନାଥ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାଥି ବିପ୍ଳବ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରବାଦ ପୁରୁଷଙ୍କ ଜୀବନ ଧାରା ଉପରେ ସ୍ମୃତିଚାରଣ କରିଥିଲେ । ଦଳୀୟ ନେତା ଓ କର୍ମୀ ମାନେ ସକ୍ରିୟ ସଦସ୍ୟ, ଗ୍ରାମ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ନେଇ ଲୋକସେବାକୁ ମହନୀୟ ବ୍ରତ ଭାବେ ଗ୍ରହଣ କରିବା ଏବଂ ସମୃଦ୍ଧ, ସଶକ୍ତ, ଦଳୀୟ ଏକତା ଓ ଦଳୀୟ ଶୃଙ୍ଖଳା ସ୍ୱାଭିମାନୀ, ନବୀନ ଓଡିଶା ଗଢିବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ପାତ୍ର ଆହ୍ୱାନ ଦେଇଥିଲେ । ଏଥିରେବରିଷ୍ଠ ନେତା ଏଲ. ପୁରୁଷୋତ୍ତମ ପାତ୍ର, ସୁରେଶ ସାହୁ,ଜିଲ୍ଲାପରିଷଦ ସଭ୍ୟା ଶିବାନୀ ସେଠୀ, ଭାରତୀ ନାୟକ , ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଲାଞ୍ଜିଆ ସରପଞ୍ଚ ଅନୀଲ କୁମାର ଗୌଡ଼, ମହିଳା ସଭାନେତ୍ରୀ ନିରୁପମା ପାତ୍ର, କିଶୋର ପାତ୍ର, ସୁକାନ୍ତ ସାସମଲ, ବଡୁପଲ୍ଲୀ ସରପଞ୍ଚ କାମିନୀ ନାୟକ,ଟୁନା ନାୟକ, ଅନନ୍ତେଇ ସରପଞ୍ଚ ପୂର୍ଣ୍ଣିବାସୀ ବିଶ୍ୱାଳ,କାମେଶ୍ୱର ବିଶ୍ୱାଳ, ସମିତି ସଭ୍ୟା ପ୍ରତିମା ମଲ୍ଲିକ, ସଞ୍ଜୟ ସାହୁ ଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

ତାଡ଼ି ବାଲା ଠୁ ଚନ୍ଦା ରଖୁଛନ୍ତି ବିଧାୟକ !

ତିଡୋଲ,୬।୩:(ମନ୍ଥନ)ରାଜନୀତି ଆଜି କାଲି ରସା ତଳକୁ ଗଲାଣି ୟ ରାଜନୀତି ରେ ଲୋକ ମାନେ ପରସ୍ପର ସହିତ ଝଗଡ଼ା କରି ଶତ୍ରୁ ହୋଇ ଜେଲ୍ ଦଣ୍ଡ ଭୋଗିବାକୁ ପଛାଉ ନଥିବା ବେଳେ, ବାସ୍ତବରେ ତାହା ଏଠି ଅଲଗା । ଯିଏ ବିଧାୟକ ଟିଏ ହେଉଛି ସେ ସାତ ପିଢି ପାଇଁ ଧନ ଗଚ୍ଛିତ କରି ଅବସର ନେଉଛି । ଯାହା ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତିଡୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରିଡ଼ି ବ୍ଲକ ଠାରେ ୟ ଯେଣେ ଉପକୂଳ ର ବିଧାୟକ ଖଜୁରୀ ଗଛରେ ଲୁଚ୍ଚଇ ଛପାଇ ପ୍ରତେକ ବର୍ଷ ତାଡ଼ି ବସାଇ ତାର ପରିବାର ପୋଷଣ କରୁଥିବା ବେଳେ କିଛି ବିଧାୟକ ଙ୍କ ବୋଲକରା ତାକୁ ତାଡ଼ି ମାଗିଥିଲେ , ସେ ଲୋକ ଟି ମାଗଣା ଦେବାକୁ ମନା କରିଥିବା ବେଳେ,ବୋଲକରା ମାନେ କେଶ୍ ଟିକୁ ବିଧାୟକ ଙ୍କ କାନରେ ପକାଇଥିଲେ । ବିଧାୟକ କାଳ ବିଳମ୍ବ ନକରି ଉକ୍ତ ଲୋକଙ୍କୁ ଡକାଇଥିଲେ । ଶୁଣିବା ମୁତାବକ ବିଧାୟକ କାଳେ ତାଡ଼ି ବେପାରୀ ଠାରୁ କିଛି ଟଙ୍କା ଡିମାଣ୍ଡ କରିଥିଲେ । ପରେ ପରେ ତାଡ଼ି ବେପାରୀ ଜଣକ କିଛି ଟଙ୍କା ଦେଇ ବିଧାୟକ ଙ୍କ ତାଗିଦ୍ ରୁ ରକ୍ଷା ପାଇଥିବା ଖବର ଏବେ ବିରିଡ଼ି ରେ ହାଟରେ ପଡି ଦଣ୍ଡରେ ଗଡୁଛି , ଏଠି ପ୍ରଶ୍ନ ଉଠୁଛି ଯେ ଲୋକଙ୍କ ସେବାରେ ବିଧାୟକ ଅଙ୍କ ଲାଗିଥିବା ବେଳେ ଏତେ ତଳକୁ ଯାଇ ଚନ୍ଦା ଆଦାୟକୁ ବେଶୀ ପ୍ରାଧାନ୍ୟ ଦେଉଛନ୍ତି ।

ରାଜସ୍ୱ ମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କଲେ ଓଡ଼ିଶା ରାଜସ୍ୱ ଅମଲା ସଂଘ

ନବରଙ୍ଗପୁର ,୬।୩:(ମନ୍ଥନ)ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଛାତିରେ ଯନ୍ତ୍ରଣା ଅନୁଭବ କରି ଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଠାରେ ଚିକିତ୍ସିତ ହେବା ଖବର ଶୁଣି ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ନେତୃତ୍ୱରେ ନବରଙ୍ଗପୁର ର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ଙ୍କ ନିକଟରେ ପୂଜାର୍ଚ୍ଚନା କରି ୧୦୮ ଦୀପ ପ୍ରଜ୍ୱଳନ କରିବା ସହିତ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଉକ୍ତ ପୂଜାର୍ଚ୍ଚନା ସମୟରେ ନବରଂଗପୁର ଜିଲ୍ଲା ଶାଖାର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସ, ଉପ ସଭାପତି ସୌରଭ ଦାସ, ସମ୍ପାଦକ ଦେବାଶିଷ ସୁଆର, ସହ ସମ୍ପାଦକ ଶ୍ରୀମତୀ ମୈଥିଲୀ ପଟନାୟକ, ତୃପ୍ତି ପଟ୍ଟନାୟକ,ପ୍ରିୟଙ୍କା ପାତ୍ର,ସୁରୁଚି ବେହେରା, ସରୋଜିନୀ ଦାସ,ଗଗନ ବିଶୋଇ, ସୂରଜ ସାହୁ, ମନୋଜ ପଣ୍ଡା,ମଧୁସ୍ମିତା ମିରଗାନ, ଜୋସ୍ନା ଚୌଧୁରୀ, ସୁରେନ୍ଦ୍ର ମୋହନ ଦାସ, ଧନପତି ନାୟକ, ଅଜୟ ଦାସ, ଆଶୁତୋଷ ମହାନ୍ତି, ଅଭିଲିପ୍ସା ଦାସ, ତନ୍ମୟା ଖଡ୍ଡରାୟ, ଅମରେନ୍ଦ୍ର ସମରଥ, ସଚ୍ଚିଦାନନ୍ଦ ରଥ, ନିତେଶ ରଥ, ନୀଳମାଧବ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

ଯୁଜିସି ଆଇନ ସମର୍ଥନ ରେ ଜିଲ୍ଲା ଓବିସି ଏସ୍ ଟି ଏସ୍ ସି ମଞ୍ଚ ର ଗଣଧାରଣା ଏବଂ ବିକ୍ଷୋଭ

ବଲାଙ୍ଗୀର,୬।୩:(ମନ୍ଥନ)ତା ୫ ମାର୍ଚ୍ଚ ୨୦୨୬ - ଆଜି ବଲାଙ୍ଗୀର ଜିଲ୍ଲା ଓବିସି ଏସ୍ ଟି ଏସ୍ ସି ମଞ୍ଚ ତଥା ଅନେକ ଗୁଡ଼ିଏ ମୁଳନିବାସୀ ସଂଗଠନ ମାନେ ରାଜ୍ୟ ଓବିସି ମଞ୍ଚ ର ସଭାପତି ତଥା ଓବିସି ଏସ୍ ଟି ଏସ୍ ସି ମିଳିତ ମଞ୍ଚ ର ଆବାହକ ଶ୍ରୀ ଶଙ୍କର ପାତ୍ର ଙ୍କ ନେତୃତ୍ୱରେ ଶତାଧିକ ଜନସଂଖ୍ୟାର ଏକ ବିଶାଳ ଶୋଭାଯାତ୍ରା କୋଶଲ କଲାମଣ୍ଡଳ ପଡିଆ ଠାରୁ ବାହାରି ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୁଜିସି ଆଇନ ୨୦୨୬ କୁ ସମର୍ଥନ ଜଣାଇ ବିଭିନ୍ନ ବକ୍ତା ମାନେ ନିଜର ବକ୍ତବ୍ୟ ରଖି ଥିଲେ । ଉକ୍ତ ଯୁଜିସି ଆଇନ କୁ ୨୯ ଜାନୁଆରୀ ୨୦୨୬ ଦିନ ସୁପ୍ରିମକୋର୍ଟ ର ରହିତାଦେଶ ଦୁର୍ଭାଗ୍ୟଜନକ ବୋଲି ବକ୍ତା ମାନେ ନିଜର ବକ୍ତବ୍ୟ ରେ କହିଥିଲେ । ଏହି ଆଇନ କୁ ଆହୁରି କଡାକଡି କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଓ ଜନଗଣନା ୨୦୨୭ ରେ ଜନଗଣନା ଫର୍ଦ୍ଦ ର ୧୨ ନମ୍ବର ପ୍ରଶ୍ନରେ ଏସ୍ ଟି,ଏସ୍ ସି, ଅନ୍ୟାନ୍ୟ ସହିତ ସ୍ୱତନ୍ତ୍ର ଭାବେ ଓବିସି ଙ୍କ ତଥ୍ୟ ସଂଗ୍ରହ କରିବାକୁ ଜିଲ୍ଲାପାଳ ବଲାଙ୍ଗୀର ଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି ଙ୍କୁ ମେମୋରେଣ୍ଡମ ପ୍ରଦାନ କରାଯାଇଥିଲା । ଯୁଜିସି ଆଇନ ୨୦୨୬ କୁ ସମର୍ଥନ ଜଣାଇ ଜନଗଣନା ୨୦୨୭ ରେ ଓବିସି ଙ୍କୁ ସ୍ୱତନ୍ତ୍ର ଭାବେ ସାମିଲ କରି ତଥ୍ୟ ସଂଗ୍ରହ କରିବା ଦାବି କରି ଆଦିବାସୀ ନେତା ସତ୍ୟନାରାୟଣ ଭୋଇ,ଓବିସି କୃଷକ ନେତା ଯତୀ ପ୍ରଧାନ, ରାଜ୍ୟ ଓବିସି ମଞ୍ଚ କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ,ରାସ ବିହାରୀ ମାଝୀ,ନିକେଶ କୁମାର (,ଭିମ ଆର୍ମି)ଅଚ୍ୟୁତ କୁମାର (ଭିମ ଆର୍ମି) ବିଶିଷ୍ଟ ଦଳିତ ନେତା, ପାଣ୍ଡବ କୁମାର, ବରିଷ୍ଠ ଓକିଲ, ଦିନେଶ ନାଗ, ଟଙ୍କଧର ଗଡତ୍ୟା ଶାନ୍ତନୁ ଭୋଇ,ଟେଙ୍କ ବାର୍ ସଭାପତି ଜ୍ୟୋତିଷ ମୁଗ୍ରି, ସିତାରାମ କୁମ୍ଭାର,,ବେଲାର ସିଂ ଭୋଇ ସଭାପତି କୁଲୁତା ସମାଜ ବଲାଙ୍ଗୀର, ଶଙ୍କର୍ଷଣ ପ୍ରଧାନ କୁଲତା ସମାଜ ବଲାଙ୍ଗୀର ପୌରାଞ୍ଚଳ, ମନୋରଞ୍ଜନ ସାହୁ ମଧୁବଶ୍ୟ ସମାଜ ବଲାଙ୍ଗୀର ଉମା ସାହୁ ତେଲି ସମାଜ ବଲାଙ୍ଗୀର, ଗଙ୍ଗାଧର ଖମାରୀ ସଭାପତି ଡୁମାଲ ସମାଜ ସୋନପୁର,ଆନନ୍ଦ ପଧାନ ଓବିସି ମଞ୍ଚ ଆଗଲପୁର ବ୍ଲକ, ବାଳକୃଷ୍ଣ ଷାଣ୍ଡ ଏନ୍ ଏ ପି ଏମ୍ ବଲାଙ୍ଗୀର,ଅଜୟ ଓ୍ୱାରିକ,ବାମସେଫ, କୌଶଲ୍ୟା କୁମ୍ଭାର ସାବିତ୍ରୀ ବାଇ ଫୁଲେ ମହାସଂଘ,ସୁବାସିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଞ୍ଚ ଓଡ଼ିଶା, ବିରେନ୍ଦ୍ର ରାୟ, ନଟରାଜ ନାଗ,ଦଣ୍ଡୁଆ କୁମାର, ଲଲିତ ମହାନନ୍ଦ, ରମାକାନ୍ତ ରାବଣ ଭିମ ଆର୍ମି, ରାଜେନ୍ଦ୍ର ବଘାର, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ବଲାଙ୍ଗୀର ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଶତାଧିକ ଓବିସି ଏସ୍ ଟି ଏସ୍ ସି ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଦଳ ମତ ନିର୍ବିଶେଷରେ ଏହି ଆନ୍ଦୋଳନ କୁ ସମର୍ଥନ ଜଣାଇ ଅଂଶ ଗ୍ରହଣ କରିଥିଲେ ।

ରାଣୀବନ୍ଧର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ଆନ୍ଦୋଳନର ସଜବାଜ

ବଲାଙ୍ଗିର,୬।୩:(ମନ୍ଥନ)ରାଣୀବନ୍ଧ ର ପନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ଆଜି ବଲାଙ୍ଗିର ସହରର ଚାରୋଟି ୱାର୍ଡ ୧୩,୧୪,୧୫,୧୬ ର ଜନସାଧାରଣ ଟିକ୍ରାପଡା ଗାନ୍ଧି ପାଠାଗାର ର ସମ୍ପାଦକ ତଥା ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କ ଆବାହକତ୍ୱ ରେ ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜିବୀ, ଆଇନଜିବୀ, ଶିକ୍ଷାବିତ, ସମାଜସେବୀ, ପତ୍ରକାର ଆଲୋଚନାରେ ଅଂଶଗ୍ରହଣ କରି ସହରର ମଧ୍ୟ ଭାଗରେ ଅବସ୍ଥିତ ରାଣୀବନ୍ଧ ର ଦୁର୍ଗତି ପାଇଁ ଉଦ୍‌ବେଗ ପ୍ରକାଶ କରିବା ସହ ପୁନରୁର୍ଦ୍ଧାର ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ଉକ୍ତ ସଭାରେ ମନୋରଂଜନ ସାହୁ, ନାଗରିକ କମିଟି ସମ୍ପାଦକ ମଧୁସୁଦନ ନାୟକ, ଭଗବାନ ବଗର୍ତ୍ତି, ଶିବ ରଥ, ଗୋପବନ୍ଧୁ ପୁରୋହିତ, ନୀଳମଣି ମିଶ୍ର, ଆଇନଜିବୀ ଭବାନୀ ଶଙ୍କର ଶତପଥି, ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ଗାନ୍ଧି ପାଠାଗାର ସଭାପତି ପ୍ରକାଶ ନେପାକ, ବିଜେଡି ନେତା ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ରାଣିବନ୍ଧର ସୁରକ୍ଷା ତଥା ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ । ବିଭିନ୍ନ ସମୟରେ ରାଣୀବନ୍ଧ ପାଇଁ ଆସିଥିବା ଅନୁଦାନ ବାଟମାରଣା ହେବା ସହ ଅତି ନିମ୍ନମାନର କାର୍ଯ୍ୟ ଅର୍ଥ ତୋଷାରପାତ ହେବାର ଅଭିଯୋଗ ହୋଇଛି । ଜନସାଧାରଣଙ୍କ ସଚେତନତା, ଦୈନିକ ବଜାର ସବୁ ମାଇଳାର ଚମ୍ପୟାଡ, ପ୍ରଶାସନ ର ଅବହେଳା, ଅସାମାଜିକ ବ୍ୟକ୍ତିମାନଙ୍କର ଆଡ୍ଡା ଏହି ବନ୍ଧର ଅଧୋଗତି ପାଇଁ ଦାୟୀ ବୋଲି ଆବାହକ ପ୍ରଦୀପ ସାହୁ ସୂଚନା ଦେଇଥିଲେ । ଉପସ୍ଥିତ ଜନସାଧାରଣ ଆଗାମୀ ଦିନରେ ଚାରୋଟି ୱାର୍ଡ ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଡକାଯାଇ ଏକ ଏକ୍ସନ କମିଟି ଗଠନ ପାଇଁ ଜିଲ୍ଲାପାଳ, ମ୍ୟୁନିସିପାଲିଟି ଅଧ୍ୟକ୍ଷା, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଏହି ଏକ୍ସନ କମିଟିର ତଦାରଖରେ ରାଣୀବନ୍ଧ ର ଖନନ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନ ରାଶି ବିନିଯୋଗ କରିବା ପାଇଁ ଅନୁରୋଧ କରିବା ସହ ବନ୍ଧର ସୌନ୍ଦର୍ଯ୍ୟକରଣ, ଏକ ଦଶାହ ଘାଟ ଓ କୋଠରୀ ସହ, ଆଲୋକୀକରଣ ପାଇଁ ସ୍ଥାନୀୟ ବିଧାୟକଙ୍କୁ ଦାବି ଜଣାଇବା ସହ ଅସମାଜିକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଆରକ୍ଷୀ ଅଧିକାରୀ ଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା ।

ହରିହର ଭେଟ ସମ୍ପନ୍ନ

ବଲାଙ୍ଗିର,୬।୩:(ମନ୍ଥନ)ମଙ୍ଗଳବାର ଦିନ ବଲାଙ୍ଗିର ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଟିକ୍ରାପଡା ସ୍ଥିତ ମଦନ ମୋହନ ରଥଙ୍କ ନିବାସରୁ ରାତି ରେ ରାଧାକୃଷ୍ଣ ସ୍ୱତନ୍ତ୍ର ପୂଜାବିଧି ପରେ ଯୁଗଳ ମୁର୍ତ୍ତିଙ୍କୁ ବିମାନ ରେ ସଜ

ସମାଜସେବୀ ଭରତ ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୬।୩:(ମନୁନ)କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ମେହେନ୍ଦିପୁର ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ତଥା ସମାଜସେବୀ ସ୍ୱର୍ଗତ ଭରତ ଚନ୍ଦ୍ର ପରିଡ଼ାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶାରଦା ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ୱର୍ଗତ ପରିଡ଼ାଙ୍କ ଶୁଭେଚ୍ଛୁ ରାଜକିଶୋର ଲେଙ୍କା, ବୈଷ୍ଣବ ଚରଣ ଲେଙ୍କା, ହୃଦାନନ୍ଦ ଲେଙ୍କା, ବିଭୂତିଭୂଷଣ ସାମନ୍ତରାୟ, ସନ୍ଦୀପ ଲେଙ୍କା, ଦୁର୍ଗା ପ୍ରସାଦ, ବିଶ୍ୱରଞ୍ଜନ ସାମନ୍ତରାୟ ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପରିଡାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭା ପରିଚାଳନାରେ ଅକ୍ଷୟ କୁମାର ମନ୍ତ୍ରୀ, ପୁତ୍ର କିଶୋର କୁମାର ପରିଡ଼ା, ବୋହୂ ମାନସୀ ଲେଙ୍କା, ଲିପିକା ଲେଙ୍କା, ଧରଣୀଧର ମନ୍ତ୍ରୀ, ଶ୍ରୀଧର ମନ୍ତ୍ରୀ, ବିପିନ୍ ବିହାରୀ ମହାନ୍ତି, ଭାଗୁଲି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

ବହୁ ପୁରାତନ ଶ୍ୟାମସୁନ୍ଦରପୁର ମହାନ୍ତିସାହି ଦୋଳ ମେଳଣ ଉଦଯାପିତ

କେନ୍ଦ୍ରାପଡା,୬।୩:(ମନୁନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମହାନ୍ତିସାହିର ଦୋଳ ମେଳଣ ଉଦଯାପିତ ହୋଇଯାଇଛି । ଜିଲ୍ଲାର ବହୁ ପୁରାତନ ମେଳଣ ମଧ୍ୟରୁ ମହାନ୍ତି ସାହି ମେଳଣ ପ୍ରାୟ ୨୫୦ ବର୍ଷ ପୂର୍ବେ ପୂର୍ବଜମାନେ ଆରମ୍ଭ କରିଥିଲେ। ମେଳଣକୁ ବିଭିନ୍ନ ଅଂଚଳରୁ ୯ଟି ସୁସଜ୍ଜିତ ବିଭାନ ବାଜାବାଣ ରୋଷଣୀ କରି ମଧ୍ୟାହ୍ନରେ ମହାନ୍ତିସାହିରେ ପହଁଚିଥିଲେ । ଥାନପତି ଶ୍ରୀଦଧିବାବନଜୀଉ ପ୍ରଥମେ ପହଁଚି ଆସ୍ଥାନ ଗ୍ରହଣ କରିବା ପରେ ଅନ୍ୟମାନେ ପହଁଚିଥିଲେ । ଏହାପରେ ଭଜନ ସମାରୋହ ଅନୁଷ୍ଠିତ ହୋଇ ବିଭାନମାନଙ୍କ ପାଖରେ ଭୋଗ

ଲାଗି ହୋଇଥିଲା । ଏହାପରେ ଶ୍ରୀଜୀଉମାନେ ନିଜ ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାହିର ମୁରବୀ ରମେଶ ଚନ୍ଦ୍ର ମହାନ୍ତି, ରାଜକିଶୋର ମହାନ୍ତି, ଅବନି କୁମାର ମହାନ୍ତି, ରମାକାନ୍ତ ମହାନ୍ତି, ଜୟନ୍ତ ମହାନ୍ତି, କୁଞ୍ଜବିହାରୀ ମହାନ୍ତି, ଭଞ୍ଜ କିଶୋର ମହାନ୍ତି, ଅନୁପ ମହାନ୍ତି(ବାଦଲ), ବୁଢା ମହାନ୍ତି, ପ୍ରଣବ କୁମାର ମହାନ୍ତି, ରେବନ୍ତ ମହାନ୍ତି, ରଜତ ମହାନ୍ତି, ପ୍ରଦୀପ କୁମାର ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି ଚିତ୍ତରଞ୍ଜନ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶାନ୍ତନୁ ମହାନ୍ତି, ଆଲୋକ ମହାନ୍ତି, ନବଜ୍ୟୋତି ମହାନ୍ତି, ଅମିତାଭ ମହାନ୍ତି, ଆଶିଷ ମହାନ୍ତି, ବନ୍ଧନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଗୋଲେଖ ପଢିଆରୀ, ରଣଧୀର ଜେନା, ସ୍ୱୟଂଭୂବ ଦାସ, ଭୁବନମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ହୋଇ ଜୀଉମାନଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ।

ବେଆଇନ ମୋରମ ଗେଞ୍ଚେଇ ଟ୍ରାକ୍ଟର ଓ ଟ୍ରାକ୍ଟର ଲୋଡର ଜବତ,୩ଅଟକ

ମୋରଡା,୬।୩:(ମନୁନ)ଶୁଳିଅ।ପଦା ଥାନା ଅଧୀନସ୍ଥ ଡାଳଗାଁ ଗ୍ରାମ ନିକଟରେ ଥିବା ଏକ ସରକାରୀ ଜମିରୁ ବିଳମ୍ବିତ ରାତିରେ ବେଆ।ଇନ ମୋରମ ଉତ୍ତୋଳନ ହେଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ଶୁଳିଅ।ପଦା ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କ ନେତୃତ୍ୱରେ ଏଏସଅ।ଇ ମାସା ମୁର୍ମୁ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ଅଚାନକ ଚଢ଼ାଉ କରିଥିଲେ। ଫଳରେ ବେଆ।ଇନ ମୋରମ ଉତ୍ତୋଳନ କରୁଥିବା ଟ୍ରାକ୍ଟର ଲୋଡର ସମେତ ମୋରମ ବୋଝେଇ ଥିବା ଓଡି-୧୧ଭି୬୯୦୮ ନଂ ବିଶିଷ୍ଟ ଏକ ଟ୍ରାକ୍ଟରକୁ ମଧ୍ୟ ପୁଲିସ ଜବତ କରି ଥାନାକୁ ଅ।ଣିଥିବା ଜଣାପଡ଼ିଛି ।ତେବେ ଏନେଇ ଶୁଳିଅ।ପଦା ଥାନାରେ ୨୮/୨୬ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଟ୍ରାକ୍ଟର ମାଲିକ ମୋରଡା ଥାନା ଅଧୀନ କଣ୍ଡାଳିଅ। ଗ୍ରାମର ସୈରବାଳା ଦେଓ, ଟ୍ରାକ୍ଟର ଲୋଡର ମାଲିକ ତାଙ୍କ ପୁଅ ବୋହୂ ରଶ୍ମିତା ଧୀର ଏବଂ ଉଭୟ ଗାଡ଼ିର ଚାଳକ ସୈରବାଳାଙ୍କ ପୁଅ ଅଭିଷେକ ଦେଓଙ୍କୁ ପୁଲିସ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

ରାମଣ୍ଡାରେ ଗଣେଶ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ନାମଯଜ୍ଞ ଆରମ୍ଭ

ବୁଗୁଡା, ୬।୩:(ମନୁନ) ବୁଗୁଡା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଶୁଭ ଅଙ୍କୁରାରୋପଣ ମଣ୍ଡଳ କରଣ ଅଧିବାସ ସହ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି । ଏଥିରେ ଭାମଶାଳି, ବୁଗୁଡା ଯାଦବ ସାହି, ରାମଣ୍ଡା, ଅ।ଦିପୁର, ଗରେଇଝୁଲି ଅ।ଦିର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି । ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅ।ୟୋଜିତ ଘୃତଯଜ୍ଞ, ଗୋଯଜ୍ଞ ଓ ଜପଯଜ୍ଞ ଅ।ଦି କାର୍ଯ୍ୟରେ ପ୍ରମୋଦ ପାଟଯୋଶୀ, ମାଧବ ଦାଶ, ଅ।ଲୋକ ପାଟଯୋଶୀ, ଦେବାଶିଷ ଦାଶ, ରାଜେଶ ମିଶ୍ର ପ୍ରମୁଖ ପ୍ରଚାରକ ଓ ପଣ୍ଡିତଗଣ ନିୟୋଜିତ ରହିଥିବା ବେଳେ ଉପେନ୍ଦ୍ର ନାହାକ ସଙ୍ଗୀତ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ରାମଣ୍ଡା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଅ।ୟୋଜିତ ଉକ୍ତ ମହୋତ୍ସବରେ ଅ।ଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟୁଥିବା ଦେଖିବାକୁ ମିଳିଛି ।

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ଦିବସ ଓ ସପ୍ତାହ ପାଳିତ

ପାରାଦୀପ,୬।୩:(ମନୁନ)ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ସପ୍ତାହ ଅତ୍ୟନ୍ତ ଉତ୍ସାହର ସହିତ ଗୁରୁବାର ଦିନ ଶୁଭାରମ୍ଭ ହୋଇଛି, ଯାହା ସୁରକ୍ଷା ସଂସ୍କୃତି ଏବଂ କର୍ମଚାରୀ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ବନ୍ଦରର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି । ଏହି ବର୍ଷର ବିଷୟବସ୍ତୁ, ସୁରକ୍ଷା ବୃଦ୍ଧି ପାଇଁ ଲୋକଙ୍କୁ ନିୟୋଜିତ କରନ୍ତୁ, ଶିକ୍ଷିତ କରନ୍ତୁ ଏବଂ ସଶକ୍ତ କରନ୍ତୁ, ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବାରେ ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଉଲ୍ଲେଖ କରିଛି । ଏହି କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ଉଦଘାଟନ କରି ସୁରକ୍ଷା ସପ୍ତାହ ପତାକା ଉତ୍ତୋଳନ କରିଥିଲେ ଏବଂ ବନ୍ଦରର ଅଧିକାରୀ, କର୍ମଚାରୀ ମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ର ସପଥ ପାଠ କରାଇଥିଲେ । ଏହି ଅବସରରେ, ସେ ବନ୍ଦର ପ୍ରଶାସନିକ ଭବନରୁ ଏକ ସୁରକ୍ଷା ସଚେତନତା ସୋଭାଯାତ୍ରା ଏବଂ ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ପାରାଦୀପ ବନ୍ଦରର ଗେଟ ନମ୍ବର ୪ ରେ ଶେଷ ହୋଇଥିଲା ଏବଂ

କର୍ମଚାରୀ ଓ ବନ୍ଦର ବ୍ୟବହାରକାରୀଙ୍କ ମଧ୍ୟରେ ନିରାପଦ କାର୍ଯ୍ୟ ଅଭ୍ୟାସ ଉପରେ ସଚେତନତା ସୃଷ୍ଟି କରିଥିଲା ।ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଇଂ. ସୁସିଲ ଚନ୍ଦ୍ର ନାହାକ, ବିଭାଗୀୟ ମୁଖ୍ୟ ଏବଂ ବନ୍ଦରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଏମଏସ ଚେନ୍ନାଇ ରାଧା ପକ୍ଷରୁ ଏ. ରମେଶ ସଂଯୋଜନା କରିଥିଲେଯସମାବେଶକୁ ସମ୍ବୋଧିତ କରି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ବନ୍ଦର କାର୍ଯ୍ୟରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଅ।ଧୁନିକୀକରଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ୨୦୩୦ ମସିହା ସୁଦ୍ଧା ୧୦୦% ଯାନ୍ତ୍ରିକୀକରଣ ହାସଲ କରିବା ପାଇଁ ବନ୍ଦର ପ୍ରାଧିକରଣ ର ରଣନୈତିକ ନକ୍ସା ଉପରେ ଅ।ଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ପଣ୍ୟ ପରିଚାଳନା ପ୍ରଣାଳୀକୁ ଅ।ଧୁନିକୀକରଣ କରିବା, ଉଚ୍ଚ ବିପଦପୂର୍ଣ୍ଣ କ୍ଷେତ୍ରରେ ମାନୁଅ।ଲ୍ ହସ୍ତକ୍ଷେପ ହ୍ରାସ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବାଯବନ୍ଦର ପରିସରରେ ସୁରକ୍ଷା ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁର୍ଘଟଣା ଅ।ଶଙ୍କାକୁ କମ କରିବା ପାଇଁ ବସ୍ ଏବଂ ମାଲବାହୀ ଯାନ ଦ୍ୱାରା ବ୍ୟବହୃତ ପ୍ରାଥମିକ ରାସ୍ତାରେ ଦୁଇଚକିଅ। ଯାନ ଚଳାଚଳକୁ ପ୍ରତିବନ୍ଧିତ କରାଯାଇଛି। ଏହା ସହିତ, ବନ୍ଦର ଅଞ୍ଚଳ ମଧ୍ୟରେ ଯାନବାହାନଗୁଡ଼ିକର ସୁରକ୍ଷିତ ଗତିବିଧି ସୁନିଶ୍ଚିତ କରିବା ପାଇଁ ଉନ୍ନତ ରାସ୍ତା ରକ୍ଷଣାବେକ୍ଷଣ ଏବଂ ନିୟମିତ ସ୍ୱଚ୍ଛତା କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରାଯାଇଛିଯ ସୁରକ୍ଷା କୁ ଅଧିକ ସୁଦୃଢ଼ କରିବା ପାଇଁ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପାଇଁ ମୌଳିକ ସୁରକ୍ଷା ତାଲିମ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ତାଲିମ ସମାପ୍ତ ହେବା ଅ।ବଶ୍ୟକ, ନଚେତ୍ ଗେଟ୍ ପାସ୍ ପ୍ରଦାନ କରାଯିବ ନାହିଁଯକର୍ମଚାରୀ କଲ୍ୟାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବନ୍ଦର କର୍ତ୍ତୃପକ୍ଷ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି । ଏହି ଡାକ୍ତରୀ ପରୀକ୍ଷାଗୁଡ଼ିକ ବନ୍ଦର ର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଅ।ର) ପଦକ୍ଷେପ ଅଧୀନରେ ମାଗଣାରେ କରାଯିବ ଏବଂ ବନ୍ଦର ପ୍ରବେଶ ପାସ୍ ପାଇବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ସମାପ୍ତ କରିବା ବାଧ୍ୟତାମୂଳକ ହେବ।

ଜିଲ୍ଲା ସ୍ତରୀୟ ଅର୍ନ୍ତଜାତୀୟ ମହିଳା ଦିବସ ଅନୁଷ୍ଠିତ

ଅନୁଗୋଳ : ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ଏବଂ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଇନଣ୍ଡୋର ଷ୍ଟାଡିୟମଠାରେ ତିନିଦିନିଅ। ଜିଲ୍ଲା ସ୍ତରୀୟ ଅର୍ନ୍ତଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛିଯ ପ୍ରଥମ ଦିନରେ ଯୋଗଗୁରୁ ଶ୍ରୀ ଅଭୟ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ଗଠନରେ ମହିଳାଙ୍କ ଗୁରୁ ଉପରେ ଅ।ଲୋକପାତ କରିଥିଲେଯ ସେହିଭଳି ମୁଖ୍ୟବକ୍ତା ଭାବେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ଯୋଗଦେଇଥିବା ବେଳେ ସତ୍ୟବ୍ରତ ନାଥ, ଅନ୍ତର୍ଜାତୀୟ ପର୍ବତ ଅ।ହୋରଣକାରୀ ବିଭାରାଣି ପାତ୍ର ଯୋଗ ଦେଇଥିଲେଯ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅନ୍ତର୍ଭୁକ୍ତ କ୍ୟାଡେଟ ସହିତ ଅନୁଗୋଳ ଲାଇଟ୍ ହାଉସ କମୁନିଟିକ୍ ଏବଂ ଅନୁଗୋଳ ଲୋଜିଷ୍ଟିକ ସ୍କିଲ୍ ସେଣ୍ଟରର ୨୦୦ ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେଯ ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେଯ

ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ନେଇ ୧୨ ଘଣ୍ଟିଆ ବଜାର ବନ୍ଦ

ନୟାଗଡ,୬।୩:(ମନୁନ)ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଶରଣକୁଳ ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡି ରହିଛି। ଏହାର ସମସ୍ୟା ସମାଧାନ କରିବା ପାଇଁ ଶରଣକୁଳ ବିକାଶ ମଞ୍ଚ ତରଫରୁ ନୟାଗଡ଼ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଇନଥିବାରୁ ୫ ତାରିଖ ଗୁରୁବାର ଦିନ ଶରଣକୁଳ ବିକାଶ ମଞ୍ଚର ଆହ୍ୱାନ କ୍ରମେ ୧୮ ଗୋଟି ପଞ୍ଚାୟତର ଜନସାଧାରଣ ମିଳିତ ଭାବେ ଏହି ବନ୍ଦକୁ ସଫଳ କରିବା ପାଇଁ ଅ।ଗେଇ ଅ।ସିଥିଲେ। ଶରଣକୁଳ ବଣିକ ସଂଘ ମଧ୍ୟ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ କରିଥିଲେଯ ସକାଳ ୬ ଘଟିକା ଠାରୁ ସଂନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ଶରଣକୁଳର ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ୍ ଏବଂ ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା । ବିଭିନ୍ନ ଦାବି ଗୁଡିକ ହେଲା ଡ଼ାକ୍ତରଖାନାରେ ଖାଲି ଥିବା ଡ଼ାକ୍ତର ପଦବୀ ଗୁଡିକ ପୂରଣ କରିବା, ଡାକ୍ତରଖାନାରେ ଚାଲିଥିବା ପାଳି ବ୍ୟବସ୍ଥାକୁ ବନ୍ଦ କରାଯାଉ, ବିଗତ ଦିନରେ ଡ଼ାକ୍ତରଖାନାରେ ଡାକ୍ତରଙ୍କୁ ମାଡ ମାରିଥିବା ସମ୍ପର୍କରେ କି କାର୍ଯ୍ୟାନୁଷ୍ଠାନ ନିଅ।ଯାଇଛି ?ସେ ସମ୍ପର୍କରେ ତଥ୍ୟ ପ୍ରଦାନ,ଭାର ପ୍ରାପ୍ତ ଅଧିକାରୀଙ୍କ ସମ୍ପର୍କରେ ହୋଇଥିବା ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବା , ଡାକ୍ତରଖାନା ପରିସର ମଧ୍ୟରେ ଚାଲିଥିବା ନୂତନ ଗୃହ ନିର୍ମାଣରେ ବିଳମ୍ବ ଏବଂ ଡାକ୍ତରଖାନାରେ ଅଭାବ ଥିବା ସମସ୍ତ ପରୀକ୍ଷା ଯନ୍ତ୍ରପାତି ତୁରନ୍ତ ଯୋଗାଇ ଦେବା । ବିକାଶ ମଞ୍ଚ ସହିତ ସମସ୍ତ ଜନସାଧାରଣ ଡାକ୍ତରଖାନା ଗେଟ୍ ସମ୍ମୁଖରୁ ଏକ

ଶୋଭାଯାତ୍ରାରେ ବାହାରି ଲଡୁ ବାବାଙ୍କ ମନ୍ଦିର ଠାରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କମ୍ୟୁନିଷ୍ଟ ପାର୍ଟିର ନେତା ଗୋଲକ ବିହାରୀ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିକାଶ ମଞ୍ଚର ଅ।ବାହକ ପବିତ୍ର ଇନ୍ଦ୍ରଜିତ, ରଣପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଛାତ୍ର କଂଗ୍ରେସ ସଭାପତି ଶିବ ପ୍ରସାଦ ସାହୁ,ଯୁବ କଂଗ୍ରେସ ନେତା ବିଭୁପ୍ରସାଦ ମିଶ୍ର, ସମିତି ସଭ୍ୟ ପ୍ରତୀକ ମହାପାତ୍ର,ଜ୍ୟୋତି ପ୍ରଭା ଜେନା, ସମାଜସେବୀ କୃଷ୍ଣଚନ୍ଦ୍ର ମହାପାତ୍ର , ତ୍ରିଲୋଚନ ମହାପାତ୍ର,ଆଲୋକ ପ୍ରଧାନ, କିଶୋର ମହାପାତ୍ର ଓ ନାରୀ ନେତ୍ରୀ ସୁଜାତା ଦାସଙ୍କ ସମେତ ଦଳମତ ନିର୍ବିଶେଷରେ ସମସ୍ତ ନେତୃବୃନ୍ଦ ଯୋଗ ଦାନ କରି ଦାବି ପୂରଣ ପାଇଁ ଦୃଢ ବକ୍ତବ୍ୟ ପ୍ରଦାନ କରିଥିଲେଯ ସମସ୍ତେ ନିଜ ନିଜର ତୀକ୍ଷ୍ଣ ବକ୍ତବ୍ୟ ପ୍ରଦାନ କରିବା ସହିତ ଜନସାଧାରଣ ଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅ।ଗାମୀ ୭ ଦିନ ମଧ୍ୟରେ ଯଦି ଉପରୋକ୍ତ ଦାବି ଗୁଡ଼ିକ ପୂରଣ ନ ହୁଏ ତେବେ ପରବର୍ତ୍ତୀ ସମୟରେ ଅ।ନ୍ଦୋଳନକୁ ତୀବ୍ରତର କରିବା ପାଇଁ ଚେତାବନୀ ଦେଇଛନ୍ତି । ତତ ସହିତ ସ୍ଥାନୀୟ ବିଧାୟିକା ସୁରମା ପାଡ଼ୀଙ୍କ ନିରବତା ଯୋଗୁଁ ସମସ୍ତେ କ୍ଷୁବ୍ଧ ହେବା ସହିତ ତାଙ୍କ କୁଶପୁତ୍ତଳିକାକୁ ମନ୍ଦିର ସମ୍ମୁଖରେ ଦାହ କରାଯାଇଥିଲା ।

ସ୍ୱର୍ଗତ ହରେକୃଷ୍ଣ ରାଉଳଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା,୬।୩:(ମନୁନ)ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମହାଦେବଙ୍କ ସେବକ ସ୍ୱର୍ଗତ ହରେକୃଷ୍ଣ ରାଉଳଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁରର ତରଫରୁ ଭଦ୍ରେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ ସ୍ମୃତିଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ୱର୍ଗତ ହରେକୃଷ୍ଣ ରାଉଳଙ୍କ ଫଟୋଚିତ୍ରରେ ପୁଷ୍ପଧୂପ ଅର୍ପଣ କରିଥିଲେ। ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ଉମେଶ ଚନ୍ଦ୍ର ନନ୍ଦ ଗୀତା ଓ ଭାଗବତ ପଠନ କରିଥିଲେ। ନିତ୍ୟାନନ୍ଦ ରାଉଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଜୟ କୁମାର ବାରିକ ଭକ୍ତି ସଂଗୀତ ପରିବେଷଣ କରିଥିଲେ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂସଦର ସଂପାଦକ ଗୌତମ ଚରଣ ଜେନା, ସାହିତ୍ୟିକ ରାଜକିଶୋର ମିଶ୍ର, ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ସମାଜସେବୀ କଲ୍ଲୋଳ ଚନ୍ଦ

ଶନିବାର ୦୭ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର
SATURDAY, 07 MARCH, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସର୍ବଜ୍ଞାନେ ଧୂରୀଣ ରାମଲକ୍ଷ୍ମଣ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବର୍ତ୍ତମାନର ଆଧୁନିକ ଯୁଗ ଯେ ଏକ ଭିତ୍ତି ଉପରେ ପ୍ରତିଷ୍ଠିତ ଏହା ଭୁଲ ନୁହେଁ। ଆଜି ଉଡାଜାହାଜ ମାଳମାଳ, ଯୁଦ୍ଧ ବିମାନ ଅନେକ ଧାରଣର ଦେଖିବାକୁ ମିଳୁଛି ହେଲିକାପ୍ଟର ଅନେକ ଧନୀଙ୍କ ଯାତ୍ରା ଯାନ ହେଲାଣି। ବହୁ ପୋଲ ସେତୁ ଲୋକଙ୍କୁ ଦୁର୍ଗମ ନଦୀ ବା ପାହାଡ଼ ଏପାଖ ସେପାଖ କରିବାରେ ସହାୟକ। ଯୁଦ୍ଧରେ ପଦାତିକ ସେନାଙ୍କୁ ଆକାଶରୁ ଆକ୍ରମଣ କରାଯାଉଛି, ଜଳମାର୍ଗରେ ସୁଡ଼ଙ୍ଗ ପଥରେ ଯାନ ଚଳିଲାଣି। ଏହିସବୁ ପ୍ରାଚୀନ ପନ୍ଥାର ସଂସ୍କାର କରାଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେତେ ପ୍ରକାରର ଯୁଦ୍ଧ ହୋଇପାରେ ଆଉ ଶତ୍ରୁର ଯୁଦ୍ଧ ଅସ୍ତ୍ରକୁ କେମିତିକା ପଣ୍ଡ କରାଯାଇପାରେ ଏହା ବି ଅତୀତରେ ଥିଲା। ଦାଶରଥି ରାମ ଓ ତାଙ୍କ ଅନ୍ୟ ତିନି ଅନୁଜ ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଏହି ଚାରିଜଣଙ୍କୁ ରାଜମହଲରୁ ଦୂରେଇ ରଖି ଦାଶରଥ ଜଙ୍ଗଲରେ ବଶିଷ୍ଠଙ୍କ ଜଙ୍ଗଲ ଆଶ୍ରମରେ ରାଜ୍ୟ ପରିଚାଳନା ପାଇଁ ଅତି ଦରକାର ଆସିବା ପାଠ ପାଇଁ ରାଜମହଲର ରାଜସିକ ଅନ୍ନ ବ୍ୟଞ୍ଜନ, ରାଜସିକ ପୋଷାକ ଦାସ ଦାସୀ ସବୁ ପରିତ୍ୟାଗ କରି ନିଜର ଦୈନନ୍ଦିନ କାର୍ଯ୍ୟ ନିଜେ କରିବା ଜାଣିବି ରାଜ ଓ ତାଙ୍କ ରାଣୀମାନେ ପୁଅଙ୍କୁ ଅଗମୀ ଜୀବନର ସିଦ୍ଧହସ୍ତ ପାଇଁ ମମତାକୁ ଚାପି ପଠାଇଥିଲେ।

ବିଦ୍ୟା ଅଧ୍ୟୟନରେ ପ୍ରଥମେ ଯେ ପରିପଦ୍ଧତି ଅନୁସୃତ ହେଉଥିଲା ସେଥିରେଏକ ସାଥେ ଶାରୀରିକ ଅଭିବୃଦ୍ଧି ପାଇଁ ବ୍ରହ୍ମଚର୍ଯ୍ୟର ବ୍ରତ ଶୁଦ୍ଧ ସାତ୍ତ୍ୱିକ ଭୋଜନ ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ, ନିତ୍ୟକର୍ମ ଝଟପଟରେ ଶେଷକରି ସମୁହ ପ୍ରାର୍ଥନା ପ୍ରାତଃ ବ୍ୟାୟାମରେ ନିମଗ୍ନ ତାପରେ ଜଳଖିଆ ଲଘୁ ଆହାର ପରେ ଗୁରୁଙ୍କ ସାନ୍ନିଧ୍ୟରେ ରହି ପ୍ରାକୃତିକ ପରିବେଶ ବୃକ୍ଷ ତଳେ ପାଠ ପଢ଼ା, ନିଜେ ନିଜର କାମ କରିବା, ବଗିଚା କାମ କରି ପନିପରିବା ଚାଷକରି ଭୋଜନ ପାଇଁ ଶାକ ଶବଜି ସଂଗ୍ରହ କରିବା ରୋଷାଇ ପାଇଁ ଜଙ୍ଗଲରୁ ନିତ୍ୟ କାଠ ସଂଗ୍ରହ କରି ଆଣିବା, ଗୋ ସେବା କରିବା ଗୋଗ୍ରାସ ସଂଗ୍ରହ କରିବା ଏହି ସେବାଗୁଡ଼ିକରେ ତାଲିମ ଓ ମୂଲ୍ୟବାନ ଶିକ୍ଷା ଗଭୀର ଭାବରେ ଜଡ଼ିତ ରହୁଥିଲା। ପଶୁସେବା ବୃକ୍ଷ ସେବାରେ ପ୍ରକୃତିକୁ କେମିତିକା ମାନବ ଜୀବନରେ ହିତରେ ଲଗାଯାଇପାରିବ ଏହା ଜଡ଼ିତ ଏହା ସହ ଗୋଷ୍ଠୀଗତ ଜୀବନ ଭାଇଚାରା ରକ୍ଷା, ସାମ୍ୟବାଦ ଜୀବନ ସହ ଗୁରୁ ସର୍ବସ୍ୱ ସମୟ କାଟିବା ଏହା କଦାପି ରାଜମହଲରେ ରହି କରାଯାଇ ନପାରେ। ରାଜ ଉପବନ କରିପାରନ୍ତି, କିନ୍ତୁ ବନ ଉପବନ ମଧ୍ୟରେ ଅନେକ ତଫାତ ବନ ଭଗବାନଙ୍କ କୃତି ଯହିଁରେ ତହିଁରେ ଜଳସେଚନ ଋତୁଚକ୍ରରେ ଦେବରାଜ ଇନ୍ଦ୍ର କରୁଛନ୍ତି ମାତ୍ର ଉପବନ ମାନବ ଚେଷ୍ଟାରେ ରାଜ ଧନରେ ହୋଇଛି। ଉପବନରେ ତପସ୍ୟା କେହି କରି ସିଦ୍ଧ ହୋଇଛି ଏମିତି ନାହିଁ। ବନ ତପସ୍ୟାର କ୍ଷେତ୍ର, ଏପରିକି ନିର୍ବାସନ ଦଣ୍ଡ ଉପବନରେ ନୁହେଁ ବନ ଗମନରେ ହେଉଥିଲା, ପୂର୍ବେ ମୁକ୍ତ କାରାଗାର ହିଁ ବନ ଜଙ୍ଗଲ ଥିଲା। ଜଙ୍ଗଲ ଅଧିବାସୀ ଜଙ୍ଗଲଜୀବ ପଶୁ ପକ୍ଷୀ ଜଙ୍ଗଲର ଫଳମୂଳ ପତ୍ର ଚେର ମୂଳ ସହକୁ ଜଙ୍ଗଲ ବାସରେ ଜାଣିହେବ, ଜଙ୍ଗଲରେ ବହୁଥିବା ନଦୀ ଝରଣା ଜଳର ଗୁଣ ଶାସ୍ତ୍ରୀୟ ମର୍ଯ୍ୟାଦା ସମ୍ପନ୍ନ ଏଥିରେ ଧାତବ ଲବଣ ସୂର୍ଯ୍ୟ କିରଣରେ ଥିବା ଅନେକ ଦିବ୍ୟ ତେଜ ଜ୍ୟୋତି, ବିଭିନ୍ନ ବନୌଷଧି ବୃକ୍ଷର ଚେର ସଂସ୍ପର୍ଶରେ ଆସିବାରୁ ଜଳ ମହାଔଷଧି ସଦୃଶ ଅତି ମୂଲ୍ୟବାନ।

ଏସବୁରେ ରାମ ରାମାନୁଜ ମାନେ ଅଭ୍ୟସ୍ଥ ହେବା ସହ ଋଷିମାନେ ଚାରି ଭାଇଙ୍କୁ ରାଜ୍ୟ ପରିଚାଳନା ପାଇଁ ମ୍ୟାନେଜମେଣ୍ଟ ଗୁରୁ ରୂପେ ରାମଙ୍କୁ ରାଜକାର୍ଯ୍ୟ ପ୍ରଜାପାଳନ ରାଜ୍ୟକୁ ବାହ୍ୟ ଶତ୍ରୁ ଓ ରାଜ୍ୟ ମଧ୍ୟରେ ଶତ୍ରୁଙ୍କୁ କିପରି ସନ୍ଧି ବିଗ୍ରହରେ ଆୟତ୍ତ କରାଯାଇପାରିବ, ଶତ୍ରୁତା ଅବସାନ ପାଇଁ ଅନ୍ୟ ରାଜବଳ ସହାୟତା ନେବା ଏପରିକି ଅନେକ ଶିକ୍ଷା ଦେବାସହ, ଦୂରରୁ ବଳବାନ ଶତ୍ରୁକୁ ଭୟାତୁର କରି ରଖିବାପାଇଁ ଧନୁର୍ବେଦର ଧନୁ ସଂଚାଳନ ପ୍ରକ୍ରିୟା ଶିକ୍ଷା ଦିଆଯାଇଥିଲା। ଏହି ଧନୁ ବିଦ୍ୟାରେ ବର୍ତ୍ତମାନ ଉତକ୍ଷେପିତ ଅସ୍ତ୍ର ସମୂହର ମୂଳ ତତ୍ତ୍ୱ ଜଡ଼ିତ। ଅସ୍ତ୍ରକୁ ଅଗ୍ନୀ ସହ ଯୋଡ଼ି ଉତକ୍ଷେପଣ ଦ୍ୱାରା ଶତ୍ରୁ ବଳ ଦମନ କରିବା ସବୁ କୌଶଳ ରାମ ଶିକ୍ଷା କରିବା ସହ ଲକ୍ଷ୍ମଣ ଶିକ୍ଷା ପାଇଥିଲେ କାରଣ ରାଜ୍ୟ ଚଳାଇବାକୁ ରାଜା ଯେମିତି ଦରକାର ରାଜ୍ୟକୁ ଶତ୍ରୁର ଆକ୍ରମଣରୁ ରକ୍ଷା ସେନାନାୟକଙ୍କ କାମ, ଗୁରୁ ଲକ୍ଷ୍ମଣଙ୍କୁ ସେନାପତି ପାଇଁ ପ୍ରସ୍ତୁତ କରାଇଥିଲେ। ଭରତଙ୍କୁ ରାଜ ମୁଖ୍ୟ ସଚିବ ଭାବରେ କେତେ ବେଳେ କିପରି ରାଜାଙ୍କୁ ଶାସନରେ କେଉଁ ନୀତି ପ୍ରୟୋଗରେ ରାଜ୍ୟର ପ୍ରଜା, ଅନ୍ୟ ରାଜନ୍ୟ ବର୍ଗ, ରାଜ ପରିଷଦ, ଏମିତିକି ରାଜ ଅନ୍ତପୁରସ୍ଥ ପରିଜନ ମାନେ ରାଜ ଆନୁଗତ୍ୟ ହୋଇ ରହିପାରିବେ ଏହାର ଜଡ଼ ଦଣ୍ଡ, ଭେଦ, ଦାନ ଓ ସାମ୍ୟ ନୀତିରେ ଧୂରୀଣ କରାଇଥିଲେ। ଆହୁରି ଏକ ଜଟିଳ ସ୍ତର ରାଜ୍ୟ ପରିଚାଳନାରେ ଅଛି ଯାହାକୁ ଗୃହ ମନ୍ତ୍ରଣାଳୟ ଯହିଁରେ ରାଜ୍ୟର ଭିତରେ ଓ ରାଜମହଲ ମଧ୍ୟରେ ଏକ ଖଣ୍ଡ ବିପ୍ଳବ, ଗୁପ୍ତ ଶତ୍ରୁତା, ଚୋରୀ ରାଜହାନି, ପରସ୍ୱ ଅପହରଣ ରାଜକାନୁନ, ଧର୍ମନୀତିର ବିରୁଦ୍ଧରେ ଲୋକଙ୍କୁ ପ୍ରଭାବିତ କରି ଅଶାନ୍ତି, କଳାବଜାରୀ ମୁନଫାଖୋରର ଜଡ଼ ସୃଷ୍ଟିକର୍ତ୍ତାଙ୍କୁ ଦୃଢ଼ ହସ୍ତରେ ଦମନ କରି ରାଜ୍ୟ ଓ ରାଜାଙ୍କୁ ଶାନ୍ତିରେ ଶାସନ କରିବାକୁ ସାହାଯ୍ୟ ହେବା ବିଦ୍ୟା ଶିକ୍ଷା ଶତ୍ରୁଘ୍ନଙ୍କୁ ଶିକ୍ଷା ଦେଇଥିଲେ। ପ୍ରଥମରେ ସମସ୍ତେ ସମାନ ପାଠ ପଢ଼ିଲାପରେ ଅତିରିକ୍ତ ପାଠରେ ଚାରି ଭାଇଙ୍କୁ ଏପରି ଅଲଗା ଅଲଗା ଶିକ୍ଷା ଦିଆଯାଇଥିଲା। କୌଣସି ବିଷୟରେ ମୌଳିକ ଶିକ୍ଷିତ ଯେତେବେଳେ ତାଙ୍କ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୁଅନ୍ତି ସେଠାରେ ଅଧ୍ୟୟନର ମୂଳ ବିଦ୍ୟାକୁ ପ୍ରୟୋଗ ଦୃଷ୍ଟେ କାମରେ ସଫଳ ହୁଅନ୍ତି, ପୁନଃ ଆଗତ ସମସ୍ୟା ଦୃଷ୍ଟେ ନୂଆ ନୂଆ ଉପାୟରେ ଅନ୍ୟ ସ୍ତର ସଂଯୋଗକାରୀ ହୁଅନ୍ତି। ସେହିପରି ଅଷ୍ଟସିଦ୍ଧିକୁ ପ୍ରତ୍ୟେକ ବିଦ୍ୟାର ଗୁରୁମାନେ ତାଙ୍କ ଶିକ୍ଷ୍ୟ ବା ଛାତ୍ର ମାନଙ୍କୁ ଶିକ୍ଷା ଦେଇଥାନ୍ତି। ଏପରି ନବନିଧି ଆହରଣ ସବୁ ବିଦ୍ୟାରେ ଲୁଚି ରହିଛି, ଯେଉଁ ବିଦ୍ୟାର୍ଥୀଙ୍କ ବିଦ୍ୟା ସଠିକ ଓ ଉତ୍ତମ ଭାବରେ ହାସଲ ହୋଇଥାଏ ସେ ହିଁ ସରଳରେ ନିଧି ଓ ସିଦ୍ଧିକୁ ସ୍ୱ ଇଚ୍ଛାରେ ଆହରଣ କରିପାରନ୍ତି ଯଦି ଗୁରୁଙ୍କୁ ଠକି କେହି ନକଲ ଆଶ୍ରିତରେ ଡିଗ୍ରୀ, ଡିପ୍ଲୋମା, ଡକ୍ଟରେଟ ହାସଲ କରିଥିବେ ତେବେ ସରସ୍ୱତୀ ତାଙ୍କ ପାଇଁ ଦିନେ ଦୁଷ୍ଟା ଆଉ ତାଙ୍କ ସାଥି ଲକ୍ଷ୍ମୀ ରୁଷ୍ଟା ହୋଇପାରନ୍ତି, ଏକଥା କଲ୍ୟାଣକାରୀ ଗୁରୁମାନେ ଇଙ୍ଗିତ ଦେଇଥାନ୍ତି।

ସେକାଳରେ ଆକାଶ ଯାନରେ ଆସି ଲୁଣ୍ଠନ କାର୍ଯ୍ୟ ପୁଣି ଭାବି ରାଜପତ୍ନୀ ପକ୍ଷାନ୍ତରେ ଜଣେ ପବିତ୍ରତା ନାରୀଙ୍କୁ ତାଙ୍କର ସ୍ୱାମୀ ସ ଦେବରଙ୍କୁକୁଟନୀତିରେ ଦୂରେଇ ଚୋରୀ କରିବା ଏକ ବିଶେଷ ଅପରାଧ କାନ ଶୁଣାରେ ଏକଦମ ନୂଆ, ଏହାକୁ ଅନୁସନ୍ଧାନ କିପରି ଅପହୃତାଙ୍କ ସନ୍ଧାନ କରି ଠିକ ସ୍ଥଳରେ ପହଞ୍ଚି ତାଙ୍କୁ ମୁକୁଳା ଯାଇପାରିବ ଏ ଭାବନା ତାଙ୍କର ଆସିଥିଲା। କୁଟୀର ପାଖରୁ ଅନେକ ସ୍ଥଳଯାଏ ପାଦ ଚିହ୍ନ ଖୋଜି ସେ ଏକା କି କାହାସହିତ ଏହା ଖୋଜ ପ୍ରଥମେ କରାଯାଇଥିବ, ଯଦି ସ୍ୱଇଚ୍ଛାରେ ଏକ ଯାଇଥିବେ ତେବେ ଯେପରି ପଦଚିହ୍ନ ରହିବା କଥା ତାହା ସ୍ୱଇଚ୍ଛାରେ ନଯାଇ କାହାରି ଚାପରେ ଟାଣରେ ଗଲେ ସେପରି ପାଦ ଚିହ୍ନ ରହିନପାରେ ଯଦି ନରମ ମାଟି ଥିବା ଏପରି ପାଦ ଚିହ୍ନରୁ ଅନୁମାନ କରାଯାଇପାରିବ। କିନ୍ତୁ ତାହା ଜଙ୍ଗଲ ମାଟି, ମାଟି ସାମତଳ ନୁହଁ ପୁଣି ଛୋଟ ଗୁଳ୍ମ କଣ୍ଟକିତ ସ୍ଥାନ ଘରପାଖରେ ଶୁଷ୍କ ବୃକ୍ଷ ପତ୍ର ଘଞ୍ଚ କରି ଲକ୍ଷ୍ମଣ ପ୍ରତିଦିନ ବିଛାଇ ରଖୁଥିବେ କୋମଳ ପାଦରେ ରାଜକନ୍ୟାଙ୍କ ନରମ ପାଦରେ ଆଘାତ ନଲାଗିବା ଆଉ ଜ୍ୟେଷ୍ଠ ଭାଇଙ୍କ କୋମଳ ପାଦ ପାଦୁକା ମୁକ୍ତ ସେବି ଅରଣ୍ୟ କଣ୍ଟକିତ ଭୂମିରେ ପଦଚାଳନ କଷ୍ଟମୁକ୍ତ ପାଇଁ ପତ୍ର କୁଡ଼ିଆର ଅଗଣାର କିଛି ଦୂର ଚଳପକ୍ଷ ପତ୍ର ବିଛାଉଥିଲେ ଅତଏବ ଗୃହପାଖରେ କାହାରି ପାଦ ଚିହ୍ନ ଚିହ୍ନଟ ହୋଇପାଇନଥିଲା ଅନେକ ଦୂର ଯାଏ, ଖୋଜି ପାଦ ଚିହ୍ନ ପାଇ ନଥିଲେ। ତେବେ ଏକ ଚୌପାଇପତ୍ର ବିଛାକୁ ଆସିବା ଆଉ ଦ୍ରୁତ ପାଦ ଆଘାତରେ ପଳାୟନର ଚିନ୍ତା ପରେ ଅଘଟଣ ଦୁଇଭାଙ୍କୁ ବ୍ୟଥିତ କରାଇଥିଲା କଣ ସମ୍ଭାବନା ରହିଛି ଚୌପାଇ ହରିଣୀ ସହ ସୀତାଙ୍କ ପତ୍ରକୁଡ଼ିଆରୁ ଉଭାନ ରହସ୍ୟ। ସୀତାଙ୍କୁ ସନ୍ଦେହ କରାଯାଇନପାରେ ତେବେ ନିଶ୍ଚେ ସେ କୌଣସି ଦୁର୍ଦ୍ଦାନ୍ତ ଦ୍ୱାରା ଅପହୃତା ହୋଇଛନ୍ତି ଏହା ନିଶ୍ଚୟ। ଚଳାପଥରେ ସେ କେବେ ଯେ ଏତେ ଶୀଘ୍ର ଯାଇ ନପାରନ୍ତି, ତେବେ ଜଙ୍ଗଲରେ ଅବା ଛପି ରହିଯାଇ ଥାଇପାରନ୍ତି ଏ ପାଇଁ ଜଙ୍ଗଲ ଅନୁସନ୍ଧାନ କରି କରି ପାନିଆଁ ଚଳା କମ୍ବିଂ ଅପେରସନ ତଦନ୍ତ କିଛି ସମୟ ଜାଲିଲା ତାହା ବିଫଳ, ସବୁ ହତାଶ ଡାକଧ୍ୱନିର ପ୍ରତି ଧ୍ୱନି ଆସୁଛି ସିନା ଉତ୍ତର ମିଳୁନାହିଁ। ବିଳମ୍ବ ଯେତେ ବିପରୀତ ଚିନ୍ତା ସେତେ, ବଢ଼ି ବଢ଼ି ଚାଲୁଛି।

ଶେଷରେ ଜଟାୟୁ ପକ୍ଷୀର ପକ୍ଷ ଛେଦ ଅଙ୍ଗ ଓ ପକ୍ଷୀଟି କ୍ଷୀଣ ସ୍ୱରରେ ରାମ ରାମ ଶବ୍ଦ ଦୁଇଭାଇଙ୍କୁ ତାଙ୍କ ପାଖକୁ ଭିଡ଼ି ନେଇଛି, ତାହାଠାରୁ ଜାଣିଲେ ବ୍ୟୋମ ଯାନରେ ରାବଣ ସୀତାଙ୍କୁ ତାଙ୍କୁ ବିରୁଦ୍ଧକାରୀ ଜବରଦସ୍ତି ଆକାଶପଥରେ ଦକ୍ଷିଣ ଦିଗକୁ ଉଡାଇ ନେଉଛି, ତାର ଗତିପଥ ରୋଧ କରିବାରୁ ରାବଣ ଏ ଅବସ୍ଥା କରିଛି। ହେଲିକାପଟରର ପ୍ରପୋଲାର ଚକ୍ର କାଟିଥାଏ, ତହିଁରେ ପକ୍ଷୀ ବାଜିଲେ ଏପରି ଏବେ ବି ଅନେକଥର ହେଉଛି। ଏପରି ଅନୁସନ୍ଧାନୀ ରାମଲକ୍ଷ୍ମଣ ସୀତାଙ୍କୁ ତତ୍କାଳୀନ ପଠିତ ବିଦ୍ୟାରେ ପାଇଥିଲେ। ଆଜି ସବୁ ପ୍ରକାର ବିଦ୍ୟାରେ ଜ୍ଞାନ ଅଭାବ ନାହାନ୍ତି ହେଲେ ଦିଅଁ ଗଡୁ ଗଡୁ କିଛି ମାଙ୍କଡ଼ ହୋଇ ବାହାରିଛନ୍ତି ଯେଉଁମାନେ ମାଙ୍କଡ଼ାମିରେ ଲୋକଙ୍କ ଯମାଧନ ବ୍ୟାଙ୍କ ମାନଙ୍କରୁ ଅପହରଣ କରୁଛନ୍ତି, ହୁଏତ ମାନଙ୍କୁଡ଼ିଆ ତୁରନ୍ତ ଆସିବ ସମୟ ଆଗତ ହୋଇ ଆସୁଛି ଯେଉଁମାନେ ମାଙ୍କଡ଼ ଉପଦ୍ରବରୁ ଲୋକଙ୍କୁ ତ୍ରାହି କରିବେ। ଦିନେ ରାମକାର୍ଜୀ କପି ଗୋଷ୍ଠୀ ଥିଲେ, ଏବକୁ ରାବଣର ସୁନାଲଙ୍କାକୁ ଆହୁରି ସୁନା ପାଇଁ ଆଧୁନିକ କପିକାରୀ ମାଙ୍କଡ଼ଏଠି ସେଠି ସେବୁଠି ଡାଳ ମାଙ୍କୁଡ଼ି ଖେଳୁଛନ୍ତି। ଏ ରାବଣର ଅନୁଚର କେମିତି ହେଲେ ଏହା ଆଶ୍ଚର୍ଯ୍ୟ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ସୁଭଦ୍ରା ସୁରକ୍ଷା ଯୋଜନା

ପ୍ରତ୍ୟେକ ଜିଲ୍ଲାରେ ସାଇବର ଥାନା ଖୋଲିବାକୁ ଚାଲିଛି ବିଚାର ବିମର୍ଶ ଓ ମହିଳା ବିରୋଧୀ ହିଂସା ରୋକିବାକୁ ଅଣ୍ଟା ଭିଡ଼ିଛି ସୁଭଦ୍ରା ଯୋଜନା ଓ ବଜେଟରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି ଓ ଗୃହ ବିଭାଗ ଷ୍ଟାଣ୍ଡିଙ୍ଗ କମିଟି ଏପରି ସୁରକ୍ଷା ଯୋଜନାକୁ ଅଗ୍ରାଧିକାର ଦେଇଛନ୍ତି ଓ ମହିଳା ବିରୋଧୀ ମାମଲାର ତ୍ୱରିତ ବିଚାର କରାଯିବ ଓ ସେମାନଙ୍କର ମାନସିକ ସ୍ଥିତିରେ ସୁଧାର ଅଣାଯିବ ଓ ଏଥିପାଇଁ ଅଧିକ ସଂଖ୍ୟାରେ କଲସେଣ୍ଟର ଖୋଲାଯିବ ଓ କାଉନସେଲର ନିଯୁକ୍ତ କରାଯିବା ପାଇଁ ଗୃହ ବିଭାଗ ଷ୍ଟାଣ୍ଡିଙ୍ଗ କମିଟି ସୁପାରିଶ ଯଥାଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି ଓ ୨୦୨୩ ତୁଳନାରେ ୨୦୨୪ ରେ ମହିଳା ବିରୋଧୀ ଅତ୍ୟାଚାର ଓ ହିଂସା ଘଟଣା ବଢିଛି ଓ ଗତ ଚାରି ବର୍ଷରେ ୩୬ ହଜାରରୁ ଅଧିକ ମହିଳା । ୮ ହଜାରରୁ ଅଧିକ ଶିଶୁ ମିଖୋଜ ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି ଓ ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣ ହେଉଥିବାର ସନ୍ଦେହ ସୃଷ୍ଟି ହେଉଥିଲେ ମଧ୍ୟ ଏଥିପାଇଁ ଉତ୍ତରଦାୟିତ୍ୱ କାହାର ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ୨୦୨୪ ରେ ରାଜ୍ୟରେ ୨ ଲକ୍ଷ ୧୪ ହଜାର ମହିଳା ବିରୋଧୀ ମାମଲା ରୁଜୁ ହୋଇଥିବାବେଳେ ବିଗତ ୮ ମାସ ମଧ୍ୟରେ ୧୮ ହଜାର ମହିଳା ବିରୋଧୀ ଅପରାଧିକ ମାମଲା ଦାୟର ହୋଇଛି ଓ ଏହି ସମୟ ସୀମା ମଧ୍ୟରେ ରାଜ୍ୟର ନୂତନ ସରକାର କାର୍ଯ୍ୟଭାର ସମ୍ଭାଳିଥିବା ଦୃଷ୍ଟିରୁ ସରକାର ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଓ ସୀମାନ୍ତବର୍ତ୍ତୀ ଥାନା ସହ ସମୁଦ୍ର ତତବର୍ତ୍ତୀ ଥାନାଗୁଡିକୁ ଅଧିକ ସକ୍ରିୟ କରାଯିବା ଉଚିତ ଓ ସେହିପରି ବ୍ୟାଙ୍କ ସହିତ ଯୋଗସୂତ୍ର ରକ୍ଷା କରି ସାଇବର ଥାନା ପ୍ରତିଷ୍ଠା କରାଗଲେ ବଢିଚାଲିଥିବା ସାଇବର ଅପରାଧ ନିୟନ୍ତ୍ରଣ କରାଯାଇପାରିବ ଓ ଅନଲାଇନ ଗେମ ଖେଳୁଥିବା ଶିଶୁ, କିଶୋର ଓ ଅଜ୍ଞାନତାବଶତଃ ମୋବାଇଲରେ ମହିଳାମାନେ ସେୟାର କରୁଥିବା ବ୍ୟାଙ୍କ ଆକାଉଣ୍ଟ । ଓଟିପି ନମ୍ବର ଆଧାରରେ ସାଇବର ଅପରାଧୀ ଲୁଟ କରିଚାଲିଛନ୍ତି । ଏହିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି । ସାଇବର ଥାନା ସହିତ କାଉନସେଲିଙ୍ଗ ମଧ୍ୟ ଏକାନ୍ତ ଜରୁରୀ । ଏଥିପାଇଁ ରାଜ୍ୟରେ ଥିବା ଫୋରେନସିକ ପରୀକ୍ଷାଗାରକୁ ସୁଦୃଢ କରାଯିବା ସହିତ ନୂତନ ଥାନା ଓ ଜେଲ ନିର୍ମାଣ କରାଯିବା ଉଚିତ । ଖାଲି ପଡ଼ିଥିବା ପୋଲିସ ପଦବୀ ପୂରଣ ଉପରେ ଗୁରୁତ୍ୱ ଦିଆଯିବା ନିତାନ୍ତ ଆବଶ୍ୟକ ଓ ପୋଲିସ ଫାଣ୍ଡିଗୁଡିକର ନିଷ୍କ୍ରିୟତା ଉପରେ ଧ୍ୟାନ କେନ୍ଦ୍ରିତ ହେବା ଦରକାର ଓ ସୁଭଦ୍ରା ଆର୍ଥିକ ସଶକ୍ତିକରଣ ସହିତ ସୁଭଦ୍ରା ସୁରକ୍ଷା ଯୋଜନା ପ୍ରତି ସମାନ ଅନୁପାତରେ ଦୃଷ୍ଟି ଦିଆଯିବା ଉଚିତ ଓ ସେଥିପାଇଁ ପ୍ରଥମ ଦଫାରେ ମାତ୍ର ୧୫୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ତାହା ଯଥେଷ୍ଟ ନୁହେଁ ଓ ଏଥିପାଇଁ ଅଧିକ ବ୍ୟୟବରାଦ ସହିତ ସଫଳ ଏବଂ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଜୋର ଦିଆଯିବା ଜରୁରୀ ଅଟେ ।

ଶରୀର ଉତ୍ତାପ କମିଗଲେ

ଡାକ୍ତର ଗୁରୁପଦ ମିଶ୍ର

ଆମେ ଏବେ ବସନ୍ତ ଋତୁ ସମୟକୁ ଉପଭୋଗ କରୁଛେ ଶୀତ ଅତିକ୍ରମ କରି ଦାରୁଣ ଗ୍ରୀଷ୍ମର ମଧ୍ୟବର୍ତ୍ତୀ ସମୟଟି ହେଉଛି ବସନ୍ତ ଋତୁ। ତେବେ କଥାରେ ଅଛି ଦେହ ଥିଲେ ରୋଗ ତ ନିଶ୍ଚୟ ରହିବ। ଅନେକଙ୍କ ଶରୀରରେ ହଠାତ୍ ଉତ୍ତାପ ନିମ୍ନଗାମୀ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏହି ସମୟରେ ପୀଡ଼ିତ ଜଣଙ୍କର ପାଖ ଲୋକମାନେ ବ୍ୟସ୍ତ ହୋଇପଡ଼ିଥାନ୍ତି। ତେବେ ଶରୀରର ଉତ୍ତାପ ନିମ୍ନଗାମୀ ହେବା ଏବଂ ଏହାର ଚିକିତ୍ସା ଆରମ୍ଭ କଲେ କୌଣସି ସମସ୍ୟା ପରବର୍ତ୍ତୀ ସମୟକୁ ଆଉ ରହିବ ନାହିଁ।

- ☐ ଶରୀର ଉତ୍ତାପ ହଠାତ୍ ୯୫ ଡିଗ୍ରୀ ଫାରେନ୍‌ହାଇଟ୍ ତଳକୁ ଖସି ଗଲେ ତାହାକୁ ହାଇପୋଥର୍ମିଆ କୁହାଯାଏ ।
- ☐ ହାଇପୋଥର୍ମିଆ ହେଲେ ମୁଣ୍ଡକୁ ଖୋଲା ରଖନ୍ତୁ ନାହିଁ ।
- ☐ ପାଣିରେ ଅଧିକ ସମୟ ରୁହନ୍ତୁ ନାହିଁ ।
- ☐ ବର୍ଷାରେ ଭିଜି ଯାଇଥିବା ପୋଷାକକୁ ଯଥାଶିଘ୍ର ଦେହରୁ ଓହ୍ଲାଇ ଦିଅନ୍ତୁ ।
- ☐ ରୋଗୀ ବିଳିବିଳେଇ ହେଲେ ଡାକ୍ତରଖାନା ନିଅନ୍ତୁ ।
- ☐ ହାଇପୋଥର୍ମିଆ ହେଲେ ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବାରେ କଷ୍ଟ ହୋଇଥାଏ ।
- ☐ ଅତ୍ୟଧିକ ଥଣ୍ଡା ଲାଗିବା, ଶରୀର ଦରଜ ହେବା ଆଦି ଲକ୍ଷଣ ଦେଖାଦେଲେ ଜାଣିବେ ଆପଣଙ୍କୁ ହାଇପୋଥର୍ମିଆ ହୋଇଛି ।
- ☐ ହାଇପୋଥର୍ମିଆ ରୋଗୀ ଉଭୟ ଶାରିରୀକ ଓ ମାନସିକ ସ୍ତରରେ ଦୁର୍ବଳ ଅନୁଭବ କରିଥାଏ ।
- ☐ ମାନସିକସ୍ତରରେ ଦୁର୍ବଳ, ଆଜ୍‌ମା, ପୃଷ୍ଟିହୀନତା ରୋଗର ଶୀକାର ହୋଇଥିବା ଲୋକମାନଙ୍କ ପ୍ରତି ହାଇପୋଥର୍ମିଆ ରୋଗ ଭାରି ବିପଦ ଆଣିଥାଏ ।
- ☐ ରୋଗୀକୁ ଥଣ୍ଡା ଅଞ୍

କୁଚିଣ୍ଡା ରେ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀର ବାର୍ଷିକ ଉତ୍ସବ ପାଳିତ

କୁଚିଣ୍ଡା,୬।୩:(ମନ୍ମନ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସମ୍ବଲପୁର ନୂଆଁ ବାଇପାସ୍ ରୋଡ ଘୋଷା ଛକ ନିକଟରେ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀ କୁଚିଣ୍ଡା ବ୍ଲକ ପକ୍ଷରୁ ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି । କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡା ଙ୍କ ସଭାପତ୍ରିବରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ଙ୍କ ପ୍ରତିନିଧି ଭାବେ ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ସୁଶିଲ କର ଯୋଗଦେଇ ଲକ୍ଷେ ଘର ପାଣ ସମାଜର ଶିକ୍ଷା ଏବଂ ଆର୍ଥିକ ସ୍ଥିତି କେମିତି ସୁଦୃଢ ହୋଇ ଶୃଙ୍ଖଳିତ ସମାଜ ସୃଷ୍ଟି ହେବ ଏବଂ ଗୋଟିଏ ପରିବାରରେ ମାଆ । ପ୍ରଥମେ ସଚେତନ ହୋଇ ନିଜର ପିଲା ମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ସୁନାଗରିକ ଭାବେ ଗଢ଼ିଲେ ଯାଇ ସମାଜର ଉନ୍ନତି ହେବାରେ ତିଲେ ମାତ୍ର ସନ୍ଦେହ ନଥିବା କଥା ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଉଦବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରସାଶନିକ ଅଧିକାରୀ ଚନ୍ଦନ ନିଖଣ୍ଡିଆ,ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଅଗ୍ନିଶମ ସହ ଅଧିକାରୀ ବିପିନ କିଶୋର କୈଳାସ, ବାମରା ବ୍ଲକ ସଭାପତି ଭିକ ନିଖଣ୍ଡିଆ, ବିନୋଦ ବିହାରୀ ସିଂ, ସଞ୍ଜୟ ମହାନନ୍ଦ,ଗଣେଶ ରାମ କରାଲି,ଟଙ୍କଧର ପାତ୍ର,ନରେଶ ହଂସ, ନରେଶ ତଣ୍ଡିଆ,ଶରତ ପାଞ୍ଚାଳୀ,ମହିଳା ସଭାନେତ୍ରୀ ବିନୋଦିନୀ ଭଞ୍ଜ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ଲକ୍ଷେ ଘର ସମାଜ କଲ୍ୟାଣ କମିଟୀ ର ଉନ୍ନତି କାମନା କରିବା ସହିତ

ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ବିକଶିତ ଭାରତ ଗଠନ କରିବାରେ ଲକ୍ଷେ ଘର ପାଣ ସମାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଙ୍କ ପାଖରେ ଅତିଥିଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ସହିତ ଭାରତର ସମ୍ବିଧାନ ପ୍ରଣେତା ଡ଼ଃ ଭିମରାଓ ଆମ୍ବେଦକର ଙ୍କ ଠାରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହ ସମ୍ପାଦକ ତ୍ରିନାଥ ଲୁହା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେୟ ସମାଜ ରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅତିଥି ଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ଦିଆଯାଇଥିଲା । ପରେ ସମାଜ ର କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ କୁଚିଣ୍ଡା ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ପରିଚାଳନା କରିଥିବାବେଳେ ସହ ସମ୍ପାଦକ ଶେଷରେ ଗିରିଜା ଶଙ୍କର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କୁଚିଣ୍ଡା ଉପଖଣ୍ଡ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀର କର୍ମକର୍ତ୍ତା ତଥା ଅନେକ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା ।

ମେଳଣ ପଡ଼ିଆ ରେ ୨୨ ଗାଦିର ବିମାନ, ଅଞ୍ଚଳର ମୁରବୀ ଓ ଗଣମାଧ୍ୟମ ସମ୍ବର୍ଦ୍ଧିତ

ଫୁଲନଖରା,୬।୩:(ମନ୍ମନ)କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡେଇତା ଗ୍ରାମପଞ୍ଚାୟତର ଶଙ୍ଖତ୍ରାସ ଠାରେ ପାରମ୍ପରିକ ହାକୁଆ । ମେଳଣ ଚଳିତ ବର୍ଷ ଶାନ୍ତି ଓ ଶୃଙ୍ଖଳାର ସହିତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ ପାରମ୍ପରିକତା ଓ ଆଧ୍ୟାତ୍ମିକ ଭାବନାର ସମନ୍ୱୟରେ ଆୟୋଜିତ ଏହି ମେଳଣକୁ ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଭକ୍ତ ଓ ଦର୍ଶକଙ୍କର ବ୍ୟାପକ ସମାଗମ ହୋଇଥିଲା । ମେଳଣର ଆରମ୍ଭରେ ବୟାଳିଶ ମୌଜା ଦେଉଳି ଗ୍ରାମର ପ୍ରସିଦ୍ଧ ବାଲୁଙ୍କେଶ୍ୱର ଦେବ ଓ ଶଙ୍ଖତ୍ରାସ ପତି ସାହିର ଶ୍ରୀ ଶ୍ରୀ ଦୋଳଗୋବିନ୍ଦ ଦେବ ଦୁହେଁ ଥାନପତି ଭାବେ ବସି ମେଳଣକୁ ଆରମ୍ଭ କରିଥିଲେ । ପରେ ଶଙ୍ଖତ୍ରାସ ବଜାର ନିକଟରୁ ବିଭିନ୍ନ ଗାଦିର ଦୋଳ ବିମାନଗୁଡ଼ିକ ଆକର୍ଷଣୀୟ ରୋଷଣୀ ଓ ଧାର୍ମିକ ଆନୁଷ୍ଠାନିକତା ମଧ୍ୟରେ ମେଳଣ ପଡ଼ିଆ । ଦିଗକୁ ଗତି କରିଥିଲାୟ ରଙ୍ଗବେରଙ୍ଗ ଆଲୋକ ସଜ୍ଜା, ଭକ୍ତିମୟ ପରିବେଶ ଓ ଢୋଲ ଧ୍ୱନି ମଧ୍ୟରେ ବିମାନଗୁଡ଼ିକର ଆଗମନ ଦୃଶ୍ୟ ଉପସ୍ଥିତ ଲୋକଙ୍କୁ ଆନନ୍ଦିତ କରିଥିଲା । ମେଳଣ ପଡ଼ିଆ । ଓ ପରିସରରେ ବିଭିନ୍ନ ପ୍ରକାରର ବିକାକିଣା ଦୋକାନ ଲାଗିଥିବା ବେଳେ ଭକ୍ତମାନେ ଧାର୍ମିକ ଦର୍ଶନ ସହିତ ମେଳାର ମଜା ଉଠାଇଥିଲେ ।

ଟେଟ୍ରାପ୍ୟାକ୍ ମଦ ବିରୁଦ୍ଧରେ ତଥା ଛାତ୍ରୀ, ଶିଶୁ ଓ ମହିଳାମାନଙ୍କ ନିରାପତ୍ତା ଦାବିରେ ପ୍ରତିବାଦ ସଭା

ଯାଜପୁର,୬।୩:(ମନ୍ମନ)ଚଳିତ ମାସ ୦୬ ତାରିଖ ଶୁକ୍ରବାର ଦିନ ୧୧ଘଟିକା ସମୟରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସରକାରଙ୍କ ଟେଟ୍ରାପ୍ୟାକ୍ ମଦ ଯୋଗାଇ ଦେବା ନିଷ୍ପତ୍ତି ବିରୁଦ୍ଧରେ ତଥା ମହିଳା ଓ ଶିଶୁମାନଙ୍କ ନିରାପତ୍ତା ଦାବୀରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାନେତ୍ରୀ କମ୍ରେଡ ସୁଲୋଚନା ପ୍ରଧାନଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ସମାଜରେ ନାରୀ ନିର୍ଯ୍ୟାତନା, ଧମର୍ଷଣ, ଗଣଧର୍ଷଣ ହତ୍ୟା ତଥା ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ବଢ଼ି ଚାଲିଥିବାବେଳେ ଟେଟ୍ରା ପ୍ୟାକ୍ ମଦର ପ୍ରଚଳନ କରିବା ବୋଲି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ନିର୍ବାଚନ ବେଳେ ସମ୍ପୂର୍ଣ୍ଣ ମଦ ମୁକ୍ତ ଓଡ଼ିଶା କରିବା ପାଇଁ ଯେଉଁ ସ୍ଲୋଗାନ ଦେଉଥିଲେ ତାହା ପ୍ରତାରଣା ଥିଲାବୋଲି ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଟେଟ୍ରାପ୍ୟାକ ମଦର ପ୍ରଚଳନ ୭୦ଟି ମଦ ଦୋକାନ ଖୋଲିବା ଓ ୪ଟି ମଦ କାରଖାନା କରି ଯୁବ ସମାଜ ଓ କୋମଳମତି ଛାତ୍ର ଏବଂ ମାଦକ ସମାଜକୁ ଧ୍ୱଂସ ମୁଖକୁ ଠେଲି ଦେବା ପାଇଁ ସରକାର ଯେଉଁ ହୀନ ଷଡ଼ଯନ୍ତ୍ର

କରିଛନ୍ତି ତାହାକୁ ଉପସଭାନେତ୍ରୀ କମ୍ରେଡ ଶାନ୍ତିଲତା ପଣ୍ଡା ତିବ୍ର ନିନ୍ଦା କରିଥିଲେ । ମଦ ମାଦକ ଦ୍ରବ୍ୟକୁ ଅଶ୍ଳୀଳତା, ଅପସଂସ୍କୃତିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା । ଟେଟ୍ରେପ୍ୟାକ୍ ମଦ ବନ୍ଦ କରିବା ସହିତ ଛାତ୍ରୀ ଓ ଶିଶୁ ମହିମଳାମାନଙ୍କୁ ନିରାପତ୍ତା ଯୋଗାଇ ଦେବା ପାଇଁ ବକ୍ତାମାନେ ଦାବୀ କରିଥିଲେ । ଏହି ମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ମହୋଦୟଙ୍କୁ ପ୍ରଦାନ କରାଯାଇଥିଲା । କମ୍ରେଡ଼ ସଂଯୁକ୍ତା କର, ରାଜଶ୍ରୀ ମହାନ୍ତି, ଲିଲି ମହାନ୍ତି, ମାଧବୀ ମଲ୍ଲିକ, ମମତା ସେଠୀ, ସର୍ମିଷ୍ଠା ସେଠୀ, ପ୍ରତିମା ମଲ୍ଲିକ ଉକ୍ତ ସଭାରେ ବକ୍ତବ୍ୟ ରଖିଥିଲେ ।

ଚୀନ ପରି ଭାରତକୁ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଦେବୁନାହିଁ

ନୂଆଦିଲ୍ଲୀ,୬।୩(ଏଜେନ୍ସି):ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଥିବାବେଳେ ଏବେ ଭାରତ ଗସ୍ତରେ ଥିବା ଆମେରିକାର ଉପବିଦେଶ ସଚିବ ଖ୍ରୀଷ୍ଟୋଫର ଲେଣ୍ଡୋଙ୍କ ମନ୍ତବ୍ୟ ଆମେରିକା ଏହି ଚୁକ୍ତିରେ ନିଜ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି । ଲେଣ୍ଡୋ ଚାରି ଦିବସୀୟ ଭାରତ ଗସ୍ତରେ ମାର୍ଚ୍ଚ ୩ରୁ ୬ ତାରିଖ ପର୍ଯ୍ୟନ୍ତ ଥିବାବେଳେ ଭାରତର ବର୍ଦ୍ଧିତ ଅର୍ଥ ବ୍ୟବସ୍ଥାର ଜୋରଦାର ପ୍ରଶଂସା କରିଥିଲେ । ଲେଣ୍ଡୋ ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ 'ରାୟସୀନା ଡାଏଲଗ୍ ୨୦୨୬'କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତିର ପ୍ରଶଂସା କରିଥିଲେ । ଆମେ ୨୦ ବର୍ଷ ପୂର୍ବେ ଯେଉଁ ଭୁଲ କରିଥିଲୁ, ତାହା ଭାରତ ସହିତ କରିବୁ ନାହିଁଲେଣ୍ଡୋ କହିଛନ୍ତି, ଭାରତ ବୁଝିବା ଉଚିତ ଯେ, ଆମେ ୨୦ ବର୍ଷ ପୂର୍ବେ ଚୀନ୍ ସହିତ ଯେଉଁ ଭୁଲ କରିଥିଲୁ, ତାହା ଭାରତ ସହିତ କରିବୁ ନାହିଁ, କହିବାର ଅର୍ଥ ହେଉଛି, ଆମେ ତୁମକୁ ଏହି ସମସ୍ତ ବଜାର ବିକଶିତ କରିବାକୁ ସକ୍ଷମ କରାଇବୁ ଏବଂ ତା'ପରେ ଆମେ ଜାଣିଛୁ

ଯେ, ତୁମେ ବହୁତ ବାଣିଜ୍ୟିକ ଜିନିଷରେ ଆମକୁ ପଛରେ ପକାଇ ଦେଉଛ । ଆମକୁ ଆମ ଲୋକଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡ଼ିବ, ଯେମିତି ଭାରତ ତା'ର ଲୋକଙ୍କ ନିକଟରେ ଭାରତ ସରକାର ଉତ୍ତରଦାୟୀ ବୋଲି ଲେଣ୍ଡୋ କହିଛନ୍ତି । ଆମେରିକା ପ୍ରଥମ ଅର୍ଥ ନୁହେଁ, କେବଳ ଆମେରିକାକୁ ବୁଝାଇବ । ଆମେରିକା ଅନ୍ୟ ଦେଶ ସହିତ ମିଳିତ ଭାବେ ନିଜର ଲକ୍ଷ୍ୟ ପୂରଣ କରିବ ।ଭାରତ ସହିତ ସମ୍ପର୍କ ମଜଭୁତ କରିବାରେ ଆମେରିକା ଉଭୟ ପକ୍ଷର ଲାଭ ଦେଖୁଛି ବୋଲି ଆମେରିକା ଉପବିଦେଶ ସଚିବ କହିଛନ୍ତି।

ଟ୍ରମ୍ପଙ୍କ ଭୁଲ ପାଇଁ ଖାଲି ହୋଇଗଲା ଆମେରିକାର ତୈଳ ଭଣ୍ଡାର

ନୂଆଦିଲ୍ଲୀ,୬।୩(ଏଜେନ୍ସି):ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆର ଆକାଶରେ ଯୁଦ୍ଧ ବିମାନ ପଇଁତରା ମାରୁଛି । ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ଏବେ ଖୋଦ୍ ଆମେରିକା ଉପରେ ଭାରୀ ପଡ଼ିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ଭୁଲ ରଣନୀତି ଆଜି ନିଜ ଗଳାରେ ଛନ୍ଦି ହୋଇଯାଇଛି । ବିଶେଷଜ୍ଞଙ୍କ କହିବା କଥା ଆମେରିକା ନିଜ ଦେଶର ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭ ଭରିବାର ଯେଉଁ ସୁଯୋଗ ଥିଲା ତାକୁ ହାତଛଡ଼ା କରିଛି । ଯେବେ ତେଲର ଦାମ କମ୍ ଥିଲା ସେତେବେଳେ ଟ୍ରମ୍ପ ପ୍ରଶାସନ ତୈଳ ଭଣ୍ଡାର ଭରି ନଥିଲା, ଯେତେବେଳେ ଇରାନ ସହ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ଆମେରିକା ପାଖରେ ଜରୁରୀକାଳୀନ କାମ ପାଇଁ ତେଲ ନାହିଁ । ଫାଇନାନ୍ସିଆଲ ଟାଇମ୍ସର ଏକ ରିପୋର୍ଟ ମୁତାବକ ଆମେରିକା ଏବେ ଏକ ବଡ଼ ତୈଳ ସଂକଟ ଦେଇ ଗତି କରୁଛି । ସାଧାରଣ ଜନତାଙ୍କ ଉପରେ ଏହାର ବୋଝ ବୁଥିବା ତୈଳ ଦାମ୍ ରୂପରେ ଦେଖିବାକୁ ମିଳିଛି । ଆମେରିକାର ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭ ୧୯୭୪ ମସିହାରେ ନିର୍ମାଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା କି ଯୁଦ୍ଧ ସଂକଟ ସମୟରେ ଦେଶରେ ତୈଳ ଯୋଗାଣରେ ଯେଭଳି କୌଣସି ଅସୁବିଧା ହେବ ନାହିଁ । ଜୋ-ବାଇଡେନ୍ ତାଙ୍କ କାର୍ଯ୍ୟକାଳରେ ରଷ-

ୟୁକ୍ରେନ ଯୁଦ୍ଧ ସମୟରେ ପେଟ୍ରୋଲ ଦାମ ନିୟନ୍ତ୍ରଣ କରିବାକୁ ଏହି ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭରୁ ବହୁମାତ୍ରାରେ ତୈଳ କାଢି ନେଇଥିଲେ । ସେପଟେ ଟ୍ରମ୍ପ କ୍ଷମତାକୁ ଆସିବା ପରେ କହିଥିଲେ କି ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭକୁ ସେ ପୂର୍ଣ୍ଣ କରିଦେବେ । ହେଲେ ରିପୋର୍ଟ କହୁଛି କି, ଟ୍ରମ୍ପ ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି । ଆଜି ସ୍ଥିତି କହୁଛି କି, ଆମେରିକାର ଏହି ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭ ନିଜର ମୋଟ କ୍ଷମତା ୭୧.୪ କୋଟି ବାରେଲ ମୁକାବିଲାରେ ମାତ୍ର ୪୧.୫ କୋଟି ବାରେଲରେ ସୀମିତ ହୋଇଯାଇଛି । ଆମେରିକାର ଆବଶ୍ୟକତାକୁ ହିସାବ କଲେ ଏହି ତୈଳ ମାତ୍ର ୨୦ ଦିନ ମଧ୍ୟରେ ଶେଷ ହୋଇଯିବ । ଆମେରିକା ଡିପାର୍ଟମେଣ୍ଟ ଅଫ୍ ଏନର୍ଜି ମୁତାବକ ଖାଲି ପଡ଼ିଥିବା ଷ୍ଟାଟେଜିକ ପେଟ୍ରୋଲିୟମ ରିଜର୍ଭ ଭରିବାକୁ ହେଲେ ପାଖା ପାଖି ୨୦ ବିଲିୟନ ଡଲାରର ଆବଶ୍ୟକ ରହିଛି । ସେପଟେ ଟେକ୍ସାସ ଓ ଲୁଇସିୟାନାରେ ନିର୍ମଣ ହେଉଥିବା ଭୂତଳ ଷ୍ଟୋରେଜ କାମ ଅଧାରେ ଅଟକି ରହିଛି । ଅର୍ଥ ଅଭାବ କାରଣରୁ ରିଫିଲିଂ କାମ ବି ହୋଇପାରିନି । ଏନେଇ ଡେମୋକ୍ରାଟିକ ସାଂସଦ ସୀନ କାଷ୍ଟନ ଟ୍ରମ୍ପଙ୍କୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି କି, ଟ୍ରମ୍ପ ଇରାନର ରାଜନୈତିକ ସ୍ଥିତି ଓ ଇରାନର ଆକ୍ରମଣ ନେଇ ଅନୁମାନ କରିପାରିନାହାନ୍ତି । ଟ୍ରମ୍ପ ଦେଶର ସୁରକ୍ଷା ଠାରୁ ରାଜନୀତିକୁ ଅଧିକ ମହତ୍ୱ ଦେଇଛନ୍ତି । ଯାହାର ପରିଣାମ ଏବେ ଆମେରିକାବାସୀ ଭୋଗୁଛନ୍ତି । ଏହାସହ ଦେଶରେ ପେଟ୍ରୋଲର ଦାମ ୯ ପ୍ରତିଶତ ବୃଦ୍ଧି ପାଇଛି ।

'ଇଡି'ର କାର୍ଯ୍ୟାନୁଷ୍ଠାନ: ରିଲାଏନ୍ସ ପାୱାର୍ ଉପରେ ଚଢାଉ

ନୂଆଦିଲ୍ଲୀ,୬।୩(ଏଜେନ୍ସି):ଶିଳ୍ପପତି ଅନିଲ ଅମ୍ବାନୀଙ୍କ କମ୍ପାନି ରିଲାଏନ୍ସ ପାୱାର୍ ହାଇଦ୍ରାବାଦ ଓ ମୁମ୍ବାଇର ବିଭିନ୍ନ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଉ କରାଯାଇଛି । ବୈଦେଶିକ ମୁଦ୍ରା ପରିଚାଳନା ଆଇନ (ଫିଏମ୍ଏଲ୍ଏ) ଅଧୀନରେ ଅନିଲଙ୍କ ବିରୋଧରେ ଚାଲିଥିବା ତଦନ୍ତର ଅଂଶ ସ୍ୱରୂପ ଏହି ଚଢାଉ ହୋଇଛି । ଇଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରିଲାଏନ୍ସ ପାୱାର ଓ ଏହାର ଅଧିକାରୀମାନଙ୍କ ସହ ଜଡ଼ିତ ୧୦-୧୨ଟି ସ୍ଥାନରେ ଚଉ ଚାଲିଛି । ଇଡିର ୧୫ଟି ଦଳ ଏହି ଚଉରେ ସାମିଲ ହୋଇଛନ୍ତି । ଅନିଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଠକେଇ, ଆର୍ଥିକ ଅନିୟମିତତା ଓ ଜାଲିଆତି ଅଭିଯୋଗ ରହିଛି । ସେଥିପାଇଁ ତାଙ୍କ ସହ ଜଡ଼ିତ କମ୍ପାନିଗୁଡ଼ିକର ତଦନ୍ତ କରାଯାଉଛି । କିଛି ଦିନ ପୂର୍ବେ ଅନିଲ ବ୍ୟକ୍ତିଗତ ଭାବେ ଇଡିରେ ହାଜର ହୋଇଥିଲେ । ତାଙ୍କ ମୁମ୍ବାଇସ୍ଥିତ ବିଶାଳ ଘରକୁ ମଧ୍ୟ ଇଡି ଜବତ କରିଛି । ତଦନ୍ତ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଅନିଲଙ୍କ ୧୫ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଜବତ କରାଯାଇସାରିଲାଣି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନିଲଙ୍କ ବିରୋଧରେ ଆସିଥିବା ମାମଲାଗୁଡ଼ିକର ତଦନ୍ତ କରିବା ପାଇଁ ଇଡି ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି) ଗଠନ କରିଛି । ଆର୍ଥିକ ଅନିୟମିତତାକୁ ନେଇ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ବିରୋଧରେ ଇଡି ପକ୍ଷରୁ ତିନିଟି ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି ।

ଟ୍ରମ୍ପଙ୍କୁ ନେଇ ନିଖୋଜ ଏପ୍‌ଷ୍ଟିନ୍ ଫାଇଲ ପ୍ରକାଶ କଲା ଆମେରିକା

ନୂଆଦିଲ୍ଲୀ,୬।୩(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ କଥିତ ଯୌନ ସମ୍ପର୍କ ଅଭିଯୋଗ ନେଇ ଜଣେ ମହିଳାଙ୍କ ଏଫବିଆଇ ସହିତ ସାକ୍ଷାତକାରର ରେକର୍ଡ଼ ଆମେରିକାର ନ୍ୟାୟ ବିଭାଗ ଗୁରୁବାର ପ୍ରକାଶ କରିଛି । ଅଭିଯୁକ୍ତ ଯୌନ ଚାଲାଣକାରୀ ଜେଫ୍ରି ଏପ୍‌ଷ୍ଟିନ୍ ସମ୍ପର୍କରେ ତଦନ୍ତର ଏକ ଅଂଶ ଭାବରେ ଏଫବିଆଇ ଏଜେଣ୍ଟମାନେ ୨୦୧୯ରେ ଚାରିଥର ମହିଳାଙ୍କ ସାକ୍ଷାତକାର ନେଇଥିଲେ । ନ୍ୟାୟ ବିଭାଗ ପୂର୍ବରୁ ଏକ ଲଗ୍ ପ୍ରକାଶ କରିଥିଲା ଯେଉଁଥିରେ ସାକ୍ଷାତକାର ସମ୍ପର୍କିତ ଚାରୋଟି ବୈଠକ ମଧ୍ୟରୁ କେବଳ ଗୋଟିଏର ସାରାଂଶ ପ୍ରକାଶ କରିଥିଲା । ମହିଳା ଜଣକ ଅଭିଯୋଗ କରିଥିଲେ ଯେ, ୧୩ରୁ ୧୫ ବର୍ଷ ବୟସ ବେଳେ ଏପିଷ୍ଟିନ୍ ତାଙ୍କୁ ଦୁଷ୍କର୍ମ କରିଥିଲେ । ଗୁରୁବାର ନ୍ୟାୟ ବିଭାଗ ୱେବସାଇଟରେ ପୋଷ୍ଟ ହୋଇଥିବା ରେକର୍ଡ଼ ଅନୁଯାୟୀ, ନ୍ୟୁୟର୍କ କିମ୍ବା ନ୍ୟୁ ଜର୍ସିରେ ଟ୍ରମ୍ପଙ୍କୁ ଏପ୍‌ଷ୍ଟିନ୍ ତାଙ୍କ ସହିତ ପରିଚିତ କରାଇବା ପରେ ଟ୍ରମ୍ପ ତାଙ୍କ ସହିତ ଯେନ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ । ସେତେବେଳେ ତାଙ୍କ ବୟସ ୧୫ ବର୍ଷରୁ କମ୍ ଥିଲା । ତେବେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ ମହିଳାଙ୍କ ଅଭିଯୋଗକୁ ଭିତ୍ତିହୀନ ଓ ପ୍ରମାଣ ବିହୀନ ବୋଲି କହିଥିଲେ । ଆମେରିକା ନ୍ୟାୟ ବିଭାଗ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଥିଲା ଯେ, ଏହି ୧୫ଟି ଡକ୍ୟୁମେଣ୍ଟକୁ ଡୁପ୍ଲିକେଟ୍ ଭାବେ କୋଡ କରିଥିବାରୁ ପ୍ରକାଶ କରଯାଇପାରି ନଥିଲା । ଏପଷ୍ଟିନ ତଦନ୍ତରୁ ଡକ୍ୟୁମେଣ୍ଟ ପରିଚାଳନା ନେଇ କଂଗ୍ରେସରେ ନ୍ୟାୟ ବିଭାଗ ଯାଞ୍ଚର ସମ୍ମୁଖୀନ ହେଉଥିବା ବେଳେ ଏହି ଫାଇଲ ପ୍ରକାଶ ପାଇଛି । ଡେମୋକ୍ରାଟମାନେ ଟ୍ରମ୍ପଙ୍କ ପ୍ରଶାସନ ଉପରେ ଟ୍ରମ୍ପଙ୍କ ସହ ଜଡିତ ରେକର୍ଡ ଲୁଚାଇବାର ଅଭିଯୋଗ ଆଣିଛନ୍ତି ଏବଂ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭସର ଏକ କମିଟି ଆଟର୍ଣ୍ଣି ଜେନେରାଲ ପାମ ବଣ୍ଡିଙ୍କୁ ସମନ ପଠାଇବାକୁ ଭୋଟ୍ ଦେଇଛି ଯାହାଦ୍ୱାରା ଆଇନ ପ୍ରଣୟନ କାରୀମାନେ ତାଙ୍କୁ ସରକାର କିପରି ଏହି ପ୍ରକାଶନକୁ ପରିଚାଳନା କରୁଛନ୍ତି ସେ ବିଷୟରେ ପ୍ରଶ୍ନ କରିପାରିବେ । ଅନ୍ୟପକ୍ଷରେ ଟ୍ରମ

ୟେଜଦି ପକ୍ଷରୁ କ୍ରୋମ-ଲାଡେନ ରୋଡଷ୍ଟର ରେଡ ୱଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର, ୬।୩ (ନି.ପ୍ର) : ଜାୱା ୟେଜଦୀ ମୋଟରସାଇକେଲ ପକ୍ଷରୁ ନୂତନ ୟେଜଦୀ ରୋଡଷ୍ଟର ରେଡ୍ ୱଲ୍ଫର ଶୁଭାରମ୍ଭ କରାଯାଇଛି। ରେଡ୍ ୱଲ୍ଫ ହେଉଛି ବିଶ୍ୱର ଏକମାତ୍ର ଭାରତରେ ନିର୍ମିତ କ୍ଲାସିକ୍ ମୋଟରସାଇକେଲ୍ ବ୍ୟାଜ୍‌ରୁ ଏକ ସାହସିକ ଭାବରେ ରେଟ୍ରୋ ଲମ୍ୱା-ହଲ୍ ରୋଡଷ୍ଟର। ୟେଜଦି ରୋଡଷ୍ଟର ରେଡ୍ ୱଲ୍ଫ ସାରା ଭାରତରେ ଅଧିକୃତ ଜାୱା ୟେଜଦି ଡିଲରସିପ୍‌ରେ ୨,୦୯,୯୫୦ ଟଙ୍କା (ଏକ୍ସ-ଶୋରୁମ୍ ଦିଲ୍ଲୀ) ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏଥିରେ ୫ ବର୍ଷ ପର୍ଯ୍ୟନ୍ତ ବ୍ୟାପକ ରକ୍ଷଣାବେକ୍ଷଣ ଯୋଜନା ସହିତ ଶିଳ୍ପ-ଅଗ୍ରଣୀ ୪ ବର୍ଷ/ ୫୦,୦୦୦ କିଲୋମିଟର ୱାରେଂଟି ସୁବିଧା ରହିଛି। ବିଶ୍ୱର ଏକମାତ୍ର ଭାରତରେ ପ୍ରସ୍ତୁତ କ୍ଲାସିକ୍ ମୋଟରସାଇକେଲ୍ ବ୍ରାଣ୍ଡ, ୟେଜ୍‌ଦି ଏହାର ୧୯୭୦ ଦଶକର ଆଇକନଗୁଡ଼ିକୁ ସ୍ପଷ୍ଟ ଭାବରେ ରେଟ୍ରୋ ଡିପ-ରେଡ ଏବଂ କ୍ରୋମ ଡିଟେଲିଂ

ସହିତ ପ୍ରସ୍ତୁତ କରିଛି। ସମ୍ପୂର୍ଣ୍ଣ ନୂତନ ୩୫୦ ଆଲଫା୨ ଲିକ୍ୟୁଇଡ-କୁଲ୍ଡ ଇନ ପ୍ରଥମ-ଇନ-ସେଗମେଂଟ ୬-ସ୍ପିଡ ଗିଅରବକ୍ସ ଏବଂ ଆସିଷ୍ଟ ଏବଂ ସ୍ଲିପର କ୍ଲଚ ସହିତ ଯୋଡା ହୋଇଛି।

ଏସମ୍ପର୍କରେ ଜାୱା ୟେଜଦି ମୋଟରସାଇକେଲ୍ସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ରେଡ୍ ୱଲ୍ଫ ବିଶ୍ୱର ଏକମାତ୍ର ପ୍ରକୃତ ଭାରତ ନିର୍ମିତ କ୍ଲାସିକ୍ ମୋଟରସାଇକେଲ୍ ବ୍ରାଣ୍ଡ ୟେଜଦିର ରୋଡଷ୍ଟର୍ସ ପ୍ୟାକରେ ଯୋଗ ଦେଇଛି। ଏହାର ଆକର୍ଷଣୀୟ କ୍ରୋମ୍ ତଳେ ଭାରତୀୟ ରାସ୍ତା ଏବଂ ଆଧୁନିକ ଆରୋହୀମାନଙ୍କ ପାଇଁ ନିର୍ମିତ ପ୍ରଦର୍ଶନ ଇଞ୍ଜିନିୟରିଂ ରହିଛି।' ଦୀର୍ଘ ଦୂରତା ଯାତ୍ରା ପାଇଁ ଡିଜାଇନ୍ କରାଯାଇଥିବା, ୟେଜଦି ରୋଡଷ୍ଟର ରେଡ୍ ୱଲ୍ଫ ୩୫୦ କିଲୋମିଟରରୁ ଅଧିକ ପରିସର ସହିତ ୧୨.୫-ଲିଟର ଇନ୍ଧନ ଟ୍ୟାଙ୍କ ବହନ କରେ। କଂଟିନେଂଟାଲରୁ ସର୍ବୋତମ ଡୁଆଲ-ଚ୍ୟାନେଲ ଏବିଏସ, ଏବଂ ୩୨୦ ମିମି ସମ୍ମୁଖ ଏବଂ ୨୪୦ ମିମି ପଛ ଡିସ୍କ ନିଶ୍ଚିତ ଷ୍ଟପିଂ ଶକ୍ତି ପ୍ରଦାନ କରେ। ରିଚ ବ୍ରାଉନ ସିଟ୍, ସ୍ଟେଲ୍ଥଟେଡ୍ ଟ୍ୟାଙ୍କ, ଓସାରିଆ ପଛ ଏବଂ ହଗର ଫେଣ୍ଡର, ତଥା ଚଉଡା-ଇନ୍-ସେଗମେଂଟ ପଛ ଟାୟାର ଆକର୍ଷଣୀୟ ଉପସ୍ଥିତି ପ୍ରଦାନ କରୁଛି। ମଡ୍ୟୁଲାର୍ ସୋଲୋ/ପିଲିୟନ୍ ସେଟଅପ୍, ଅପ୍ଟିମାଇଜ୍ଡ ରେ, ସୁଗମ ସିଟ୍ ଉଚ୍ଚତା, ପର୍ଯ୍ୟାପ୍ତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଆରାମଦାୟକ ଏର୍ଗୋନୋମିକ୍ସ ଏବଂ ବେଂଚମାର୍କଡ୍ ବ୍ରେକିଂ ଭ୍ରମଣ ଆତ୍ମବିଶ୍ୱାସ ପ୍ରଦାନ କରୁଛି।

ଜିନ୍ଦଲ୍ ଷ୍ଟେନଲେସର ବାର୍ଷିକ 'ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ' ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର, ୬।୩ (ନି.ପ୍ର): ଭାରତର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ - ଜିନ୍ଦଲ୍ ଷ୍ଟେନଲେସ୍, ତା'ର ବାର୍ଷିକ 'ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ' (ଏସ୍‌ଏସ୍‌ଏ) ସମ୍ମିଳନୀର ଦ୍ୱିତୀୟ ସଂସ୍କରଣକୁ ଓଡ଼ିଶାର ଯାଜପୁରର ଜିଲ୍ଲାର ଦାନଗଦି ବ୍ଲକରେ ଆୟୋଜନ କରିଛି। ଏହି ଘଟଣାରେ ୨୦୦ରୁ ଅଧିକ ବ୍ୟକ୍ତିଙ୍କ ଭାଗିଦାରୀ ଦେଖାଗଲା, ଯେଉଁମାନଙ୍କ ମଧ୍ୟରେ ସ୍ଥାନୀୟ ପ୍ରଶାସନର ପ୍ରତିନିଧି, ସମୁଦାୟ ସଦସ୍ୟ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚଜି), ଯୁବକ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅନ୍ତର୍ଭୁକ୍ତ। 'ମୋ ଗାଁ, ସ୍ୱଚ୍ଛ ଗାଁ' ଥିମ୍ ଉପରେ କେନ୍ଦ୍ରିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ସଚେତନତା ବଢ଼ାଇବା ଏବଂ ଯାଜପୁରରେ ଏକ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଦିଗରେ ସଂରଚିତ, ସମୁଦାୟ-ଚାଳିତ କାର୍ଯ୍ୟକୁ ଦୃଢ଼ କରିବା, ।

ଏହି ସମ୍ମିଳନୀରେ ଶ୍ରୀ ପ୍ରଦୀପ କୁମାର ସେଠୀ, ଦାନଗଦି ବ୍ଲକ୍ ଉନ୍ନୟନ ଅଧିକାରୀ, ଶ୍ରୀ ଦୀପକ ଅଗ୍ରୱାଲ, ୟୁନିଟ

ହେଡ଼ - ଯାଜପୁର, ଜିନ୍ଦଲ୍ ଷ୍ଟେନଲେସ୍, ଶ୍ରୀ ମନସ ରନ ସାହାନୀ, ଜିଲ୍ଲା ସ୍ୱଚ୍ଛତା ସମନ୍ୱୟକ, ଶ୍ରୀ ଦୀପ୍ତିମନ୍ତ ମଲ୍ଲିକ, ଦାନଗଦି ବ୍ଲକ୍ ରିସୋର୍ସ ସମନ୍ୱୟକ, ଶ୍ରୀ ସୁକାନ୍ତ କୁମାର ରଥ, ଉପ-ମହାପ୍ରବନ୍ଧକ - ସିଏସ୍‌ଆର ଜିନ୍ଦଲ୍ ଷ୍ଟେନଲେସ୍, ଶ୍ରୀମତୀ ମୈତ୍ରେୟୀ ଦେବ, ପରିବେଶ ମୁଖ୍ୟ, ଜିନ୍ଦଲ୍ ଷ୍ଟେନଲେସ୍, ଏବଂ ଶ୍ରୀ ଆଶିଷ ସଚଦେବ, ପ୍ରତିଷ୍ଠାତା ଅଧ୍ୟକ୍ଷ, ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ଉପସ୍ଥିତ ଥିଲେ।

ସେମାନଙ୍କର ଭାଗିଦାରୀ ଗ୍ରାମାଂଚଳ ବର୍ଜ୍ୟବସ୍ତୁ ବ୍ୟବସ୍ଥାକୁ ବଜାୟ ରଖିବା ଦିଗରେ ସରକାରୀ ସଂସ୍ଥାନମାନେ, କର୍ପୋରେଟ୍ ସିଏସ୍‌ଆର୍ ପ୍ଲାଟଫର୍ମ ଏବଂ ସମୁଦାୟ ହିତାଧିକାରୀମାନଙ୍କର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥିଲା।

କମ୍ପାନୀର ସମୁଦାୟ ବିକାଶ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଜିନ୍ଦଲ୍ ଷ୍ଟେନଲେସ୍, ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ୍ କହିଛନ୍ତି, 'ଜିନ୍ଦଲ୍ ଷ୍ଟେନଲେସରେ ଆମେ ଦୃଢ଼ଭାବେ ବିଶ୍ୱାସ କରୁଛୁ ଯେ ଆମ ଚାରିପାଖରେ ଥିବା ସମୁଦାୟମାନେ ଆମ ସହିତ ବଢ଼ିବା ଆବଶ୍ୟକ। ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ ଆମର ନିରନ୍ତର ପ୍ରଚେଷ୍ଟା ହେଉଛି - ଗୋଷ୍ଠୀ ସମୁଦାୟମାନଙ୍କୁ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସରେ ସକ୍ରିୟ ଭାବରେ ଭାଗିଦାର କରିବାକୁ ଉତ୍ସାହିତ କରିବା । ଓଡ଼ିଶାରେ ଅଧିକ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା।'

ସମ୍ମିଳନୀରେ ସମ୍ବୋଧନ କରି ଜିନ୍ଦଲ୍ ଷ୍ଟେନଲେସ୍, ଯାଜପୁର ୟୁନିଟ ହେଡ଼ ଦୀପକ ଅଗ୍ରୱାଲ କହିଛନ୍ତି, 'ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଅଭ୍ୟାସ ସର୍ବଦା ସମୁଦାୟର କଲ୍ୟାଣ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମର କାର୍ଯ୍ୟକ୍ରମ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ଆମେ ସମୁଦାୟ-ମାଲିକାନା ଏବଂ ଦୀର୍ଘସ୍ଥାୟୀ ବ୍ୟବସ୍ଥା ନିର୍ମାଣ କରିବାକୁ ପ୍ରତିବଦ୍ଧ। ଏହି ପ୍ରଚେଷ୍ଟାରେ ମହିଳା-ନିର୍ଦ୍ଦେଶିତ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସମ୍ପୃକ୍ତି ମୂଳଭିତି ସ୍ତରରେ ପରିବର୍ତ୍ତନ ଚାଳନା କରିବାରେ ସହାୟକ ହୋଇଛି।

ଏହି ସମ୍ମିଳନୀ ହେଉଛି ଜିନ୍ଦଲ୍ ଷ୍ଟେନଲେସର ସିଏସ୍‌ଆର୍ କାର୍ଯ୍ୟକ୍ରମର ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନର ଏକ ବିସ୍ତାର। ଯାହା ଭାରତ ସରକାରର ସ୍ୱଚ୍ଛ ଭାରତ ମିଶନ୍ ସହିତ ସମନ୍ୱିତ ଏବଂ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହିତ ସହଯୋଗରେ କାର୍ଯ୍ୟାନ୍ୱିତ। ଗୋଷ୍ଠୀ ସମୁଦାୟ ମାଲିକାନା ଏବଂ ସଶକ୍ତିକରଣରେ ମୂଳଗତ, ଏହାର ଉଦ୍ଦେଶ୍ୟ ହେଉଛି ଘରୋଇ ବର୍ଜ୍ୟବସ୍ତୁ ସଂଗ୍ରହ, ଉତ୍ସରେ ବିଭାଜନ, ବସ୍ତୁ ପୁନରୁଦ୍ଧାର ସୁବିଧା (ଏମ୍‌ଆର୍‌ଏଫ୍) କାର୍ଯ୍ୟକଳାପ, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ପୁରାତନ ବର୍ଜ୍ୟବସ୍ତୁ ସ୍ଥଳର ପୁନରୁଦ୍ଧାର ମାଧ୍ୟମରେ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସକୁ ସଂସ୍ଥାଗତ କରିବା। ଏହି କାର୍ଯ୍ୟକ୍ରମ ବର୍ତମାନ ଓଡ଼ିଶାର ସୋଲେଇ, ସିଙ୍ଗଗଡ଼ିଆ ଏବଂ ଦାନଗଦିରେ ୧,୦୦୦ ପରିବାରକୁ ଅନ୍ତର୍ଭୁକ୍ତ କରିଛି ଏବଂ ପ୍ରତିଦିନ ୨,୫୦୦ରୁ ଅଧିକ ବ୍ୟକ୍ତିଙ୍କୁ ଉପକୃତ କରୁଛି।

ଗ୍ରାହକଙ୍କ ବ୍ୟକ୍ତିଗତ ବୀମା ପରାମର୍ଶ ପାଇଁ ପଲିସୀ ବଜାର ଅଫ୍‌ଲାଇନ ଉପସ୍ଥିତିକୁ ବ୍ୟାପକ କରୁଛି

ଭୁବନେଶ୍ୱର, ୬।୩ (ନି.ପ୍ର) : ଭାରତର ଅଗ୍ରଣୀ ବୀମା ମାର୍କେଟପ୍ଲେସ୍ ପଲିସୀ ବଜାର ଗ୍ରାହକମାନେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିଷ୍ପତ୍ତି ନେବା ସମୟରେ ବ୍ୟକ୍ତିଗତ ସ୍ତରରେ ପରାମର୍ଶ ନେବାକୁ ସେମାନଙ୍କର ପସନ୍ଦରେ ଜୋର୍‌ଦାର ବୃଦ୍ଧି ଘଟୁଥିବା ଲକ୍ଷ୍ୟ କରୁଛି। ବ୍ୟକ୍ତିକୃତ, ସାମ୍ବାସାମ୍ବି ମାର୍ଗଦର୍ଶନ ନିମନ୍ତେ ବର୍ଦ୍ଧିତ ଚାହିଦା ପରିପ୍ରେକ୍ଷୀରେ ପଲିସୀବଜାର ଗ୍ରାହକମାନଙ୍କୁ ପ୍ରତ୍ୟେକ ସୋପାନରେ ସମର୍ଥନ ଯୋଗାଇଦେବାକୁ କ୍ଷେତ୍ରସ୍ତରରେ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରୁଛି। ବରୁଣ ଅଗ୍ରୱାଲ, ହେଡ୍, ଟର୍ମ ଇନସ୍ୟୁରାନ୍ସ, ପଲିସୀବଜାର କହିଛନ୍ତି, 'ଏହି ବର୍ଦ୍ଧିତ ଅଫ୍‌ଲାଇନ ସମ୍ପ୍ରସାରଣ ଏକ ସ୍ପଷ୍ଟ ଗ୍ରାହକ ଧାରାକୁ ପ୍ରତିଫଳିତ କରୁଛି। ଲୋକମାନେ ଅନ୍‌ଲାଇନରେ ସେମାନଙ୍କର ଅନୁସନ୍ଧାନ ଆରମ୍ଭ କରନ୍ତି, କିନ୍ତୁ ଯେତେବେଳେ ସେମାନଙ୍କ ପରିବାରର ଭବିଷ୍ୟତ ସୁରକ୍ଷିତ କରିବା କଥା ଆସେ, ସେମାନଙ୍କ ମଧ୍ୟରୁ ଅନେକ ଏକ ମାନବୀୟ ସ୍ତରରେ ଆଲୋଚନା କରିବାକୁ ପସନ୍ଦ କରନ୍ତି। ସେମାନେ ଏଭଳି ଜଣକୁ ଖୋଜନ୍ତି ଯାହା ସହିତ ସେମାନେ କଥା ହୋଇପାରିବେ, ପ୍ରଶ୍ନ ପଚାରିପାରିବେ ଏବଂ ବିଶ୍ୱାସ କରିପାରିବେ। ଏହି ଆବଶ୍ୟକତା ଆଧାରରେ ପଲିସୀବଜାର ଡିଜିଟାଲ ସ୍ୱାଚ୍ଛନ୍ଦ୍ୟକୁ ବ୍ୟକ୍ତିକୃତ, ସାମ୍ବାସାମ୍ବି ସମର୍ଥନ ସହିତ ସମ୍ମିଶ୍ରିତ କରି ନିଜର ଅଫ୍‌ଲାଇନ ନେଟୱର୍କକୁ ସମ୍ପ୍ରସାରିତ କରୁଛି।

ଏହି ବ୍ରାଣ୍ଡ୍ ଚାହିଦା ପୂରଣ କରିବା ସକାଶେ ନିଜର ଅଫ୍‌ଲାଇନ ନେଟୱର୍କକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ସମ୍ପ୍ରତି ୪୦୦ରୁ ଅଧିକ ରିଲେସନ୍‌ସିପ ମ୍ୟାନେଜର (ଆରଏମ୍) ସମଗ୍ର ଦେଶରେ ଗ୍ରାହକମାନଙ୍କୁ ସକ୍ରିୟ ସହାୟତା ଯୋଗାଇ ଦେଉଛନ୍ତି ଏବଂ ଏହି ସଂଖ୍ୟା ଖୁବଶୀଘ୍ର ୬୦୦ ଅତିକ୍ରମ କରିବ। ଏହାଦ୍ୱାରା ଅଧିକରୁ ଅଧିକ ପରିବାର ସେମାନଙ୍କ ବାସଗୃହ ନିକଟରେ ବିଶାରଦମାନଙ୍କର ପରାମର୍ଶ ପାଇବା ସୁନିଶ୍ଚିତ ହେବ। ପଲିସୀବଜାରର କ୍ଷେତ୍ର ସ୍ତରରେ ଉପସ୍ଥିତି ସମ୍ପ୍ରତି ୨୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧୩୦ରୁ ଅଧିକ ସହରରେ ଉପଲବ୍ଧ ହେଉଛି, ଯାହା ବୀମା ସେବାଗୁଡିକ ନିମନ୍ତେ ବ୍ୟକ୍ତିଗତ ସ୍ତରରେ ସମର୍ଥନ ଓ ସହଜରେ ସେସବୁର ସୁଯୋଗ ନେବାକୁ ସମର୍ଥ କରାଉଛି। ଏହି ରୂପାନ୍ତରଣରେ ମେଟ୍ରୋଗୁଡିକ ଅଗ୍ରଣୀ ସ୍ଥାନ ବଜାୟ ରଖିଛନ୍ତି ଏବଂ ହାଇଦରାବାଦ, ଦିଲ୍ଲୀ ଏନ୍‌ସିଆର, ବାଙ୍ଗାଲୋର, ପୁନେ ଓ ମୁମ୍ବାଇ ଅଫ୍‌ଲାଇନ ବ୍ୟବସାୟରେ ୬୦% ଅବଦାନ ରଖୁଛନ୍ତି। ସେହିସମୟରେ ପଲିସୀବଜାର ଟିୟର ୧ ଓ ଟିୟର ୨ ସହରଗୁଡିକରେ ମଧ୍ୟ ମଜଭୁତ ଗତିଶୀଳତା ଲକ୍ଷ୍ୟ କରୁଛି। ଲୁଧିଆନା, ଜୟପୁର, ପ୍ରୟାଗରାଜ, ଚେନ୍ନଇ, ବାଙ୍ଗାଲୋର, ଲକ୍ଷ୍ନୌ, ଚଣ୍ଡିଗଢ, ପଟିଆଲା, ସୁରଟ ଏବଂ ଭଦୋଦରା ଆଦି ସ୍ଥାନରେ ଏହାର ଅଫିସ୍‌ଗୁଡିକ ପରାମର୍ଶଦାତାଙ୍କ ସହିତ ବସି ଦୀର୍ଘସୂତ୍ରୀ ସୁରକ୍ଷା ଓ ପ୍ଲାନିବେଶ ପ୍ଲାନ୍‌ଗୁଡିକ ସମ୍ପର୍କରେ ବୁଝିବାକୁ ପସନ୍ଦ କରୁଥିବା ଗ୍ରାହକମାନଙ୍କୁ ସେବା ଯୋଗାଇ ଦେଉଛି। ଏଥିସହିତ କ୍ଷେତ୍ରସ୍ତରରେ କ୍ଲେମ୍ସ ସମର୍ଥନକାରୀ ଟିମ୍‌ଗୁଡିକ ମଧ୍ୟ ରହିଛନ୍ତି, ଯେଉଁମାନେ ଗ୍ରାହକମାନଙ୍କୁ ସେମାନଙ୍କର କ୍ଲେମ୍ ସମାଧାନରେ ମାର୍ଗଦର୍ଶନ କରୁଛନ୍ତି। ପରିବାରଗୁଡିକ ଯେଭଳି ସେମାନଙ୍କର ସର୍ବାଧିକ ଆବଶ୍ୟକତା ସମୟରେ ଅନୁକମ୍ପାଶୀଳ, ସେମାନଙ୍କ ହାତରେ ସହାୟତା ପାଇପାରିବେ, ତାହା ସେମାନେ ସୁନିଶ୍ଚିତ କରାଉଛନ୍ତି। ଗ୍ରାହକମାନଙ୍କର ଆଶା ଆକାଂକ୍ଷାରେ ପରିବର୍ତ୍ତନ ଘଟୁଥିବା ଏବଂ ବିଶ୍ୱାସ ଆଧାରିତ ଯୋଗାଯୋଗ ପୂର୍ବାପେକ୍ଷ ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବାରୁ ପଲିସୀବଜାର ଆବଶ୍ୟକସ୍ଥଳେ ଗ୍ରାହକଙ୍କର ଚିନ୍ତା ଦୂର କରିବାକୁ ପ୍ରତିବଦ୍ଧ ରହିଛି।

ମହିଳାମାନଙ୍କ ପାଇଁ ଏଫଆରଏନଡି ପକ୍ଷରୁ 'ସୁରକ୍ଷିତ ବାର୍ତାଳାପ'ର ଶୁଭାରମ୍ଭ

ଭୁବନେଶ୍ୱର, ୬।୩ (ନି.ପ୍ର): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଏଫଆରଏନଡି ପକ୍ଷରୁ 'ସୁରକ୍ଷିତ ବାର୍ତାଳାପ'ର ଶୁଭାରମ୍ଭ କରାଯାଇଛି। ଏକ ଅଭିଯାନ ଯାହା ପ୍ଲାଟଫର୍ମର ମହିଳା-ପ୍ରଥମ ସୁରକ୍ଷା ଡିଜାଇନ୍ ଉପରେ ଆଲୋକପାତ କରୁଛି। ଏଫଆରଏନଡି ହେଉଛି ଭାରତର ଅବତାର-ଆଧାରିତ ଅଡିଓ ସୋସିଆଲ ପ୍ଲାଟଫର୍ମ ଏବଂ ଇଂଟରାକ୍ଟ ଗ୍ରୁପର ମାର୍କି ଉତ୍ପାଦ । ଏହି ଅଭିଯାନ ମାଧ୍ୟମରେ, ଏଫଆରଏନଡି ଡିଜିଟାଲ୍ ସୁରକ୍ଷା ସମ୍ପର୍କରେ ସଚେତନତାକୁ ସୁଦୃଢ଼ କରିବା ଏବଂ ପ୍ଲାଟଫର୍ମରେ ମହିଳାମାନଙ୍କ ପାଇଁ ସମ୍ମାନଜନକ, ସୁରକ୍ଷିତ ପାରସ୍ପରିକ କ୍ରିୟାର ସଂସ୍କୃତି ଗଠନ କରିବା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ, କମ୍ପାନୀ ମହିଳା ବ୍ୟବହାରକାରୀଙ୍କୁ ସୁରକ୍ଷିତ ଅନଲାଇନ୍ ଆଚରଣ, ନାକତକ୍ୟ ଚିହ୍ନଟ କରିବା ଏବଂ ପ୍ଲାଟଫର୍ମର ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକର ସର୍ବାଧିକ ଉପଯୋଗ କରିବା ପାଇଁ ନିୟମିତ ଇନ୍-ଆପ୍ ଅଧିବେଶନ ଆୟୋଜନ କରିବ। ଏହା ସହିତ, ଆବଶ୍ୟକ ହେଲେ ବ୍ୟବହାରକାରୀଙ୍କୁ ପ୍ରକୃତ-ସମୟ ସହାୟତା ଏବଂ ମାର୍ଗଦର୍ଶନ

ପ୍ରଦାନ କରିବା ପାଇଁ ଏକ ୨୪ଘଂଟିଆ ଟୋଲ୍-ଫ୍ରି ହେଲ୍ପଲାଇନ୍ ଆରମ୍ଭ କରାଯିବ। ଏହି ଅଭିଯାନଟି ଟିୟର ୨-୪ ବଜାରରେ ମହିଳାମାନଙ୍କୁ ଜ୍ଞାନ ଏବଂ ସୁଗମ ସମର୍ଥନ ପ୍ରଣାଳୀ ଉଭୟ ସହିତ ସଜ୍ଜିତ କରିବାକୁ ଚେଷ୍ଟା କରୁଛି। ଇଂଟରାକ୍ଟ ଗ୍ରୁପର ସହ-ପ୍ରତିଷ୍ଠାତା ଏବଂ ସିଇଓ ଭାନୁ ପ୍ରତାପ ସିଂହ ତନୱାର କହିଛନ୍ତି, 'ସୁରକ୍ଷିତ ବାର୍ତାଳାପ' ହେଉଛି ଆମର ସିଷ୍ଟମରେ ସୁରକ୍ଷାର ଆଉ ଏକ ସ୍ତର ଯୋଡିବାର ଆମର ଉପାୟ। ନିୟମିତ ଇନ୍-ଆପ୍ ସୁରକ୍ଷା ଅଧିବେଶନଠାରୁ ଆରମ୍ଭ କରି ୨୪ଘଂଟିଆ ଟୋଲ୍-ଫ୍ରି ହେଲ୍ପଲାଇନ୍ ପର୍ଯ୍ୟନ୍ତ, ଏହି ଅଭିଯାନ ସେମାନଙ୍କୁ ଆବଶ୍ୟକ ଜ୍ଞାନ ଏବଂ ବାସ୍ତବ-ସମୟ ସହାୟତା ସହିତ ସଜ୍ଜିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି।' ଏହି କଥାକୁ ସମର୍ଥନ କରି ଜଣେ ଏଫଆରଏନଡି ଉପଭୋକ୍ତା ବିନ୍ଦୁ ସେୟାର କରିଛନ୍ତି, 'ଏଫଆରଏନଡିକୁ ସୁରକ୍ଷିତ ଅନୁଭବ କରାଇବାର କାରଣ ହେଉଛି କେହି ସ୍କ୍ରିନସଟ୍ ନେଇପାରିବେ ନାହିଁ, ଏବଂ ଭିଡିଓ କଲ୍ ସମୟରେ, ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାଂଶ ମୁହଁ ଦେଖାଇବାକୁ ପଡିବ, ତେଣୁ ଅପବ୍ୟବହାର ହେବାର ସମ୍ଭାବନା କମ୍। ଯଦି କୌଣସି କଥାବାର୍ତା ଅସହଜ ମନେ ହୁଏ, ତେବେ ମୁଁ ତୁରନ୍ତ ପଦକ୍ଷେପ ନେଇପାରିବି। ଏହା ମୋତେ ମୋର ସୁରକ୍ଷା ବିଷୟରେ ଚିଂ। ନକରି ନୂଆ ଲୋକଙ୍କ ସହିତ କଥା ହେବା ପାଇଁ ଆତ୍ମବିଶ୍ୱାସ ଦିଏ।

ଜାନଭି ସୋରୁମ ରେ ନୂଆ ନିଶାନ ଗ୍ରାଭିଟେ ଲଞ୍ଚ

ଭୁବନେଶ୍ୱର, ୬।୩ (ନି.ପ୍ର) : ଭାରତୀୟ ବଜାରରେ ନିଜ ସ୍ଥିତିକୁ ପୁଣିଥରେ ମଜବୁତ କରିବା ପାଇଁ ନିଶାନ ମୋଟର ଇଣ୍ଡିଆ। ଏକ ବଡ଼ ପଦକ୍ଷେପ ନେଇଛି। ୫.୬୫ ଲକ୍ଷ ଆ।ରମ୍ଭିକ ମୂଲ୍ୟରେ ନୂଆ। 'ନିଶାନ ଗ୍ରାଭିଟେ କାରର ଶୁଭାରମ୍ଭ କରାଯାଇଛି। ୧୪୦ କୋଟି ଭାରତୀୟଙ୍କ ଆ।ବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାରଟି ବିଶେଷଭାବେ ଆ।ଧୁନିକ ପରିବାର ପାଇଁ ତିଆ।ରି କରାଯାଇଛି। ନିସାନର ସ୍ୱତନ୍ତ୍ର 'ଉ' ଡିଜାଇନ୍ ସହିତ ଏହାକୁ ଏକ ବୋଲ୍ଡ ଓ ଆ।କର୍ଷଣୀୟ ଲୁକ୍ ଦିଆ।ଯାଇଛି। ଏହି କାରରେ ୨ ରୁ ୭ ଜଣ ପର୍ଯ୍ୟନ୍ତ ବସିବା ସୁବିଧା ରହିଛି। ସେଥିସହିତ ଜିନିଷପତ୍ର ରଖୁବା ପାଇଁ ପ୍ରଚୁର ଜାଗା ମଧ୍ୟ ଦିଆ।ଯାଇଛି। ଏଥିରେ ୩୦ରୁ ଅଧିକ ଷ୍ଟାଣ୍ଡାର୍ଡ ସେଫ୍ଟି ଫିଚର୍ ରହିଛି, ଯାହାରେ ଟେ ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ସ୍ଥାବିଲିଟି କ୍ଲ୍ଲ ଓ ହିଲ୍ ଷ୍ଟାର୍ଟ ଆ।ସିଷ୍ଟ ଭଳି ସୁବିଧା ଅନ୍ତର୍ଭୁକ୍ତ। କାରଟି ଫରେଷ୍ଟ ଗ୍ରିନ୍, ଅନିକ୍ସ ବ୍ଲାକ୍, ବ୍ଲେଡ୍ ସିଲଭର, ଷ୍ଟର୍ମ ଷ୍ଟ୍ରାଇଟ୍ ଓ ମେଟାଲିକ୍ ଗ୍ରେ ରଙ୍ଗରେ ଉପଲବ୍ଧ ହେବ। ଉଦୟପୁର, ୧୭ ଫେବୃଆ।ରୀ ୨୦୨୬ ନିସାନ୍

ମୋଟର ଇଣ୍ଡିଆ। ଆ।ଜି ସମ୍ପୂର୍ଣ୍ଣ ନୂଆ। ନିସାନ୍ ଗ୍ରାଭିଟେ ର ଶୁଭାରମ୍ଭ କରିଛି, ଯାହାର ଆ।ରମ୍ଭିକ ମୂଲ୍ୟ

ପାରାଦୀପ ବିଜେଡିରେ ବିକେ ଆଣ୍ଡ କୋ ଦେଖାଇବେ କରିସ୍ମା

ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କରିସ୍ମା ଦେଖାଇଛନ୍ତି ନବୀନ : ସମ୍ବିତ ରାଉତରାୟ

ପାରାଦୀପ, ୬।୩ (ନି.ପ୍ର): ବିଜୁବାବୁ ଙ୍କ ଜନ୍ମଜୟନ୍ତୀ ଅବସରରେ ପାରାଦୀପ ବିଜେଡି ରେ ଦେଖିବାକୁ ମିଳିଛି ନୂଆ। ସମୀକରଣ। ଆଧୁନିକ ଓଡ଼ିଶାର ନିର୍ମାତା ବିଜୁ ପଟ୍ଟନାୟକ ଙ୍କ ୧୧୦ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ସକାଳ ସମୟରେ ଅଠରବାଙ୍କୀ ଠାରେ ବିଜୁବାବୁ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନୂତନ ନଗର ବିଜେଡି ସଭାପତି କୁମାରବର ନାୟକ ଙ୍କ ସହିତ ପାରାଦୀପ ବିଜେଡି ର ସମସ୍ତ ଆଗଧାଡିର ଟାଣୁଆ। ନେତା, କର୍ମୀ ଓ ପରିଷଦ ମାନେ ଉପସ୍ଥିତ ରହିଥିବା ବେଳେ ସନ୍ଧ୍ୟା ରେ ଆୟୋଜିତ ବିଜୁବାବୁ ଙ୍କ ସ୍ମୃତିଚରଣ ସଭାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏରସମା ର ସାର୍କ ଡାକ୍ତର ଦାମୋଦର ରାଉତ ଙ୍କୁ ଏକଲବ୍ୟ ଭଳି ଶିଷ୍ୟ ପାଇଥିଲେ ବୋଲି କହିବାସହ ଅନ୍ତରଙ୍ଗ ମୁହୂର୍ତ୍ତ ଆଉ ଅଙ୍ଗେ ଲିଭେଇଥିବା କଥାର ମଞ୍ଜି କଥା କହିଥିଲେ । ରାଜ୍ୟ ବିଜୁ ଜନତାଦଳ ର ପୂର୍ବତନ ରାଜ୍ୟ ସମ୍ପାଦକ ସମ୍ପାଦକ ଇଂ. ପ୍ରମୋଦ କିଶୋର ଜେନା ଙ୍କ ପୁର୍ଣ୍ଣିମାର ଚାନ୍ଦ ପାରାଦୀପ ରେ ପ୍ରତିଫଳନ ହେଇବାକୁ ଯାଉଛି ବୋଲି ଦେଇଥିବା ବିବୃତି କୁ ଶ୍ରୀ ରାଉତରାୟ ଦୋହରାଇବାସହ ଆଜିର ଅପାରଗ ସରକାର ଉପରେ ଆଖି କାନ ବନ୍ଦ କରି ବର୍ଷିଥିଲେ। ବିହାର ର କର୍ପୁରୀ ଠାକୁର ଙ୍କୁ ଦେଖାଗଲା କିନ୍ତୁ ବିଜୁ ବାବୁଙ୍କୁ ଭୁଲିଯିବା ହୀନ ରାଜନୀତି ର ପରିଚୟ। ବୋଲି କହିଥିଲେ ଖାଇବ ମହାଦେବ ଙ୍କର ଆଉ ଗାଇବ ସହଦେ ଙ୍କର ଭାରତ ରତ୍ନ ପାଇବାରେ ବିଜୁବାବୁ ଙ୍କୁ ବଞ୍ଚିତ କରି ତାଙ୍କ ନାଁ ରେ ଜୟନ୍ତୀ ପାଳନ କରିବା ଅସଲ ଉଦେଶ୍ୟ ପଛର ରହସ୍ୟ ର ପେଡି କୁ ଖୋଲିଥିଲେ। ସମ୍ବିତ ନବୀନ ବାବୁ ଯୋଉ କରିସ୍ମା ଦେଖାଇଛନ୍ତି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତରରେ ବେଶ ଚର୍ଚ୍ଚାର ବିଷୟ ପାଲଟି ଥିଲାବେଳେ ଶାସକ ଦଳର ମୁଖ୍ୟମନ୍ତ୍ରୀ ୭୯୨ ଟା ଫାଇଲ କୁ ଦସ୍ତଖତ କରିବାକୁ ଦେଢ଼ ବର୍ଷ ସମୟ ଅତିକ୍ରାନ୍ତ କରିବା ପରିବାପାଣିଆ। ଆଉ ଦକ୍ଷତା କେତେ ଅଛି ବୋଲି ପ୍ରଶ୍ନ କରି ଡବଲ ଇଞ୍ଜିନ ସରକାର କେବଳ ପର ପାଟିରେ ସ୍ୱାଦ ଚାଖିବା ଛଡା ଆଉ କିଛି ଜଣା ନାହିଁ ଶଲି ରୋକ ଠୋକ କହିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ରାଜ୍ୟ ମହିଳା ଉପସଭାପତି ସବିତା ମହାପାତ୍ର

ବିଜୁବାବୁ ଜଣେ ବ୍ୟକ୍ତି ନ ଥିଲେ ଥିଲେ ଗୋଟେ ଅନୁଷ୍ଠାନ ତାଙ୍କ ସାବଧାର ରେ ଆମ ଦେଶର ଜାତୀୟ ପତାକା ସହିତ ଇଣ୍ଡୋନେସିଆ। ଆଉ ରୁଷ ର ଜାତୀୟ ପତାକା ସ୍ଥାନ ପାଇଥିଲା ବୋଲି କହିଥିଲେ। ବିଜୁବାବୁ ଙ୍କୁ ଭାରତରତ୍ନ ମିଳିବାକୁ ଦାବୀ କରିଥିଲା ବେଳେ ପାଠ୍ୟ ପୁସ୍ତକ ରେ ସ୍ଥାନ ପାଇବାକୁ ଦୃଢୋକ୍ତିର ସହ କହିଥିଲେ। ଯାହା ବାପା ଚଲାଇ ଘୋଡା ତା ପୁଅ ଚଲାଏ ଥୋଡା ଥୋଡା ବିଜୁବାବୁ ମହିଳା ମାନଙ୍କୁ ୩୩% ବ୍ୟବସ୍ଥା କରିଥିଲା ବେଳେ ତାଙ୍କ ସୁ ପୁତ୍ର ନବୀନ ପଟ୍ଟନାୟକ ୫୦% ସଂରକ୍ଷଣ ବ୍ୟବସ୍ଥା କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ ଆଉ ଆତ୍ମ ନିର୍ଭରଶୀଳ କରି ସ୍ୱତନ୍ତ୍ରତା ବଜାଇ ରଖିଛନ୍ତି ହେଲେ ଏ ଅପାରଗ ସରକାର ଆସିବା ଦିନରୁ ସାତେ ଯେମିତି ଶନିଶପ୍ତା ପଡିଗଲା ପରି ମହିଳା ମାନେ ସୁରକ୍ଷିତ ନାହାନ୍ତି ବୋଲି ଖୁଲମ ଖୁଲା କହିଥିଲେ। ଶ୍ରୀମତୀ ସବିତା ମହାପାତ୍ର ଙ୍କ. କେଶବ ଶରଣ ନେଇ ପାଣ୍ଡ ପାଞ୍ଚ ଭାଇ ଙ୍କ କାହାଣୀର ଉପାଖ୍ୟାନ ରେ ଉପସ୍ଥିତ ଲୋକ ମାନେ କରତାଳି ମାରି ଉତ୍ସାହିତ କରିଥିଲେ। ପୂର୍ବତନ ରାଜ୍ୟ ସମ୍ପାଦକ ଇଂ. ପ୍ରମୋଦ କିଶୋର ଜେନା ସ୍ୱାଧୀନତା ସଂଗ୍ରାମ ରେ ବିଜୁ ବାବୁଙ୍କ ଅବଦାନ ଆଉ ୧୯୪୨ ମସିହାରେ ଭରାତଛାଡ଼ ଆନ୍ଦୋଳନ ରେ ପ୍ରମୁଖ ଭୂମିକା ନେଇଥିବା ବିଜୁବାବୁ ବିଶ୍ ଦରବାର ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଅମାବାସ୍ୟା ପରେ ପୁର୍ଣ୍ଣିମା ଆସିବ ଜଳ ଜଳ ଦିଶୁଛି ତେଣୁ ଯୁବ ଆଉ ଛାତ୍ର ମାନେ ବିଜୁ ବାବୁଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ଶ୍ରୀ ଜେନା ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ପାରାଦୀପ ମହିଳା ସଭାନେତ୍ରୀ ପ୍ରଭାତୀ ନାୟକ, ପାରାଦୀପ. ବିଜୁ ଜନତାଦଳ ର ସଭାପତି କୁମାରବର ନାୟକ ପ୍ରମୁଖ ଯୋଗ ଦେଇ ବିଜୁବାବୁ ଙ୍କ ଗୁନ ଗାନ କରିଥିଲେ ଏବଂ ଦଳକୁ ମଜଭୁତ କରିବାକୁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ ଗତନିର୍ବାଚନ ରେ ବିଜେଡି ରେ ସାମିଲ ହୋଇଥିବା ଶ୍ରମିକନେତା ବାପି ସରଖେଲ, ତାଙ୍କ ପତ୍ନୀ ମୋନିଦିପା ସରଖେଲ ଓ ତାଙ୍କ ସମର୍ଥକ ମାନଙ୍କୁ ଛାଡିଦେଲେ ଦଳର ସମସ୍ତ ଛାମୁଆ। ମଞ୍ଚରେ ଏକହୋଇ ବିଜୁବାବୁ ଙ୍କ ସ୍ମୃତିଚରଣ କରିବା ସହିତ ବିଜେପି ସରକାରକୁ ନିସାନା କରିଥିଲେ। ଏହି ମଞ୍ଚ ରେ ସମ୍ବିତ ରାଉତରାୟ ଙ୍କ ଭାଷଣ ବିଜେଡି ପରିବାର ଏକ ମହାଦ୍ରୁମ, ଏହି ପରିବାର ରେ ନିଜସ୍ୱ ସ୍ୱାର୍ଥ ହାସଲ କରିବାକୁ ଆସିଥିବା ଲୋକଙ୍କର ସ୍ଥାନନାହିଁ ବୋଲି ସିଧାସଳଖ କହିଥିଲେ। ଯାହା ପାରାଦୀପ ବିଜେଡି ଶିବିର ରେ ନିଆରା ଉତ୍କଣ୍ଠା ଦେଖାଯାଇଥିବା ବେଳେ ଆଗାମୀ ଦିନରେ ପାରାଦୀପ ରେ ବିଜେଡି କେଉଁ ପ୍ରକାର ରଣନୀତି ଅବଲମ୍ବନ କରୁଛି ତାହାକୁ ନେଇ ରାଜନୈତିକ ମହଲ ଏକପ୍ରକାର ସରଗରମ ହୋଇପଡିଛି । ଉକ୍ତ ସଭାରେ ସଭାପତିତ୍ୱ କରୁଥିବା ଯୁବ ମାନସର ପ୍ରତିଭା ତଥା ପାରାଦୀପ ପୌରପାଳିକା ର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଡା. ଦାମୋଦର ରାଉତ ହେଉଛନ୍ତି ତାଙ୍କର ରାଜନୈତିକ ଗୁରୁ ତେଣୁ ଗୁରୁ ଙ୍କ ନୀତି ଆଦର୍ଶ ଆଉ ଦଳର ମୁଖିଆ ଙ୍କ ଆଦେଶ କୁ ବ୍ରତ ଭାବେ ପାଳନ କରି ଆସୁଛନ୍ତି ବୋଲି କହିଥିଲେ ଏବଂ ପାରାଦୀପ ପ୍ରତି ବିଜୁବାବୁ ଙ୍କ ଅବଦାନ ଉପରେ ବିସ୍ତୃତ ଭାବେ ବୁଝାଇ କହିଥିଲେ। ମଞ୍ଚରେ ଉପସ୍ଥିତ ସୁତଳ ସ୍ୱାଇଁ, ସତ୍ୟଭାନୁ ମୁଦୁଲି, ଶଙ୍କର ରାଉତ, କମଳା ଜଗନ୍ନାଥ ରାଓ, ଇଂ. ଚିନ୍ମୟ. ରଞ୍ଜନ ପରିଡା (ମଣ୍ଡୁ.) ଅଜିତ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ରାଉତରାୟ, ଚିତ୍ତରଞ୍ଜନ ମଲ୍ଲିକ, ଆଲୋକ ମହାପାତ୍ର, ରଶ୍ମିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ରହି ପାରାଦୀପ ବିଜେଡି ରେ ବି କେ ଆଣ୍ଡ କୋ ଙ୍କ ରାଜ ଚାଲିବ ବୋଲି କହିଥିଲେ।

ସୁପୋଷିତ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ଅନୁଗୋଳ, ୬।୩ (ନି.ପ୍ର) : ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ଆଜି ପୂର୍ବାହ୍ନରେ ସୁପୋଷିତ ଲକ୍ଷ୍ୟ ଦିଗରେ ଜିଲ୍ଲା ପରିଷଦ ସଭାଗୃହଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ମାତୃ ଓ ଶିଶୁ ପୋଷଣ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ କୁପୋଷଣ ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ନେବା ହେଉଛି ଏହି କର୍ମଶାଳାର ଲକ୍ଷ୍ୟ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣିଙ୍କ ସମେତ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ସେବା (ICDS)ର ସୁପର ଭାଇଜର, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସ୍ତରରୁ ଆସିଥିବା ପ୍ରଶିକ୍ଷକ ଇଶିକା ଦାଗ ଶିଶୁ ଓ ଗର୍ଭବତୀ ମାଆଙ୍କ ସୁସ୍ଥ ପୋଷଣ, ସ୍ୱାସ୍ଥ୍ୟ ସଚେତନତା ଏବଂ ସମୁଦାୟ ଭିତ୍ତିକ ପଦକ୍ଷେପ ନେବା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ପୋଷଣ କାର୍ଯ୍ୟକ୍ରମର କାର୍ଯ୍ୟନ୍ୱୟନ, ସମସ୍ୟା ଓ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଉପଲକ୍ଷେ ଅନୁଗୋଳ ଜିଲ୍ଲାକୁ ସୁପୋଷିତ ଜିଲ୍ଲା ଭାବେ ଗଢି ତୋଳିବାକୁ ଶପଥ ପାଠ କରାଯାଇଥିଲା।

ପ୍ରଧାନଶିକ୍ଷକଙ୍କୁ ସେବାନିବୃତ ସମ୍ବର୍ଦ୍ଧନା

ବଳଙ୍ଗା, ୬।୩ (ନି.ପ୍ର): ବଳଙ୍ଗା ଶମ୍ଭୁଭାରତୀ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ ଦାଶଙ୍କ ପାଇଁ ସେବାନିବୃତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ନିମାପଡା

ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀମାନ୍ତ ଶେଖର ରଥ ,ସମ୍ମାନିତ ଅତିଥିଭାବେ ବଳଙ୍ଗା ସରପଞ୍ଚ ଅଳି ପ୍ରଧାନ ,ସିଆର ସିସି ନବକିଶୋର ସ୍ୱାଇଁ,ଶିକ୍ଷକ ସମନ୍ୱୟ ସମିତି ସଂପାଦକ କଲ୍ୟାଣ କୁମାର ସ୍ୱାଇଁ ,କୃପାସିନ୍ଧୁ ପ୍ରଧାନ,ରାଜେନ୍ଦ୍ର ବିଶ୍ୱାଳ,ଅମିୟ କୁମାର ସ୍ୱାଇଁ ,ବ୍ରଜବନ୍ଧୁ ସାହୁ , ପ୍ରଧାନ ଶିକ୍ଷକ ସୁବାଷଚନ୍ଦ୍ର ସ୍ୱାଇଁ, ଉମାକାନ୍ତ ଆଚାର୍ଯ୍ୟ, ମହେନ୍ଦ୍ର ମଲ୍ଲିକ ,ଏସ.ଏମ.ସି ସଭ୍ୟ ଲକ୍ଷ୍ମୀପ୍ରିୟା ଚିନରା ,ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଶନ୍ନ କୁମାର ସାହୁ ମଞ୍ଚପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଅମିତା ମହାପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ,ଗ୍ରାମବାସୀ ସମୁହ ଓ କମିଟୀ ସଭ୍ୟ ସଭ୍ୟାମାନେ ଉତ୍ସବରେ ସହଯୋଗ କରିଥିଲେ।

ବସନ୍ତପୁରରେ ତିନିଦୋଳ ଯାତ୍ରା ଆରମ୍ଭ

ଖଣ୍ଡପଡ଼ା, ୭ /୩ (ନିପ୍ର): ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମରେ ଗତକାଲି ଠାରୁ ଆରମ୍ଭ ହୋଇଛି

ତିନିଦୋଳ ଯାତ୍ରା। ଗତକାଲି ବିଳମ୍ବିତ ରାତିରେ ଗ୍ରାମବାସୀ ବିରାଟ ପଟୁଆରରେ ଧଳାବନ୍ଧ ଗ୍ରାମର ତାରେଶ୍ୱର ମହାଦେବ, ବସନ୍ତପୁର ଗ୍ରାମର ଚନ୍ଦ୍ରଶେଖରଙ୍କ ସହ ହନୁମାନ, ରଘୁନାଥ ଏବଂ ନିମପାଟଣା ଗ୍ରାମର ଆରାଧ୍ୟ ଠାକୁରଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରିବା ସହିତ ଯାତ୍ରା ପଡିଆ ରେ ପହଞ୍ଚିଥିଲେ । ଆସନ୍ତାକାଲି ଏହି ଯାତ୍ରା ସମାପ୍ତ ହେବାକୁ ଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତିରେ ପୌରାଣିକ ନାଟକ ମଞ୍ଚସ୍ଥ ହେବବୋଲି ଆୟୋଜକ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି।

ଉଦ୍ୟାନ କୃଷି କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ଅଧିଗ୍ରହଣ ବିରୋଧରେ ଅଭିଯୋଗ ଦାଖଲ

ଡେଲାଙ୍ଗ,୬।୩ (ନି.ପ୍ର): ଡେଲାଙ୍ଗ ବ୍ଲକର ମଧ୍ୟବର୍ତ୍ତୀ ସ୍ଥାନ ପରିବର୍ତ୍ତେ ପିପିଲି ଓ ଡେଲାଙ୍ଗ ବ୍ଲକର ସୀମାନ୍ତ ନୂଆ ଗାଁ ମୌଜାରେ ଉଦ୍ୟାନ କୃଷି ତାଲିମ ଓ ସମ୍ପ୍ରସାରଣ ଗୃହ ନିର୍ମାଣ ପାଇଁ ଡେଲାଙ୍ଗ ତହସିଲଦାର ପ୍ରକାଶ କରିଥିବା ଜମି ଅଧିଗ୍ରହଣ ବିଜ୍ଞପ୍ତିକୁ ବିରୋଧ କରି ବିଭିନ୍ନ ପଂଚାୟତର ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା, ଅଗ୍ରଣୀ ଚାଷୀଙ୍କ ସ୍ୱାକ୍ଷରିତ ପ୍ରତିବାଦ ପତ୍ର ଗୁରୁବାର ଡେଲାଙ୍ଗ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ଓ ସାକ୍ଷୀଗୋପାଳ ସ୍ଥିତ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ନିଖିଳ ଓଡିଶା ଉପଭୋକ୍ତା ସୁରକ୍ଷା ପରିଷଦ ପକ୍ଷରୁ ସଭାପତି ଚିତ୍ରସେନ ନିଶଙ୍କ , ଡେଲାଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସମିତି ସଭ୍ୟ ଲଲାଟ କେଶରୀ ସାମନ୍ତରାୟ, ପ୍ରମୁଖ ତହସିଲଦାର ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କୁ ପୃଥକ ସାକ୍ଷାତ କରି ପଂଚାୟତ ସମିତି, କୃଷି ସୂଚନା ଓ ବୈଷୟିକ ପରାମର୍ଶଦାତା ପରିଷଦଙ୍କ ସହ କୌଣସି ଆଲୋଚନା ନକରି ଏକ ତରଫା ଭାବେ ନିଆଯାଇଥିବା ଭୂମି ଅଧିଗ୍ରହଣ ନିଷ୍ପତ୍ତିକୁ ବାତିଲ କରିବା ଓ ଡେଲାଙ୍ଗର କେନ୍ଦ୍ର ସ୍ଥଳରେ ଅବସ୍ଥିତ ଗମନାଗମନ ସୁବିଧା ଥିବା ଅନ୍ୟ ଏକ ଜମି ଚିହ୍ନଟ କରିବା ପାଇଁ ଅନୁରୋଧ କରିଥିଲେ। ନିର୍ମାଣ କାମ ତ୍ୱରାନ୍ୱିତ କରିବା ପାଇଁ ଯଥା ଶୀଘ୍ର ସମ୍ଭବ ଅନ୍ୟ ଜମି ଚିହ୍ନଟ ଓ ଅଧିଗ୍ରହଣ ପ୍ରକ୍ରିୟାରେ ସହଯୋଗ କରିବାକୁ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ।

ନୂତନ ଉନ୍ନତ ଅଭିଳାଷ (ନୂଆ) କାର୍ଯ୍ୟକ୍ରମରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର, ୬।୩ (ନି.ପ୍ର): ଆଜି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରଠାରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର 'ନୂତନ ଉନ୍ନତ ଅଭିଳାଷ' (NUA) କାର୍ଯ୍ୟକ୍ରମ ଅଧୀନରେ 'ସିନିୟର ଆସୋସିଏଟ୍ - ଡେସ୍କଟପ୍ ପବ୍ଲିସିଂ' ଟ୍ରେଡ୍ର ନୂତନ ତାଲିମ ତଥା ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ଆଜି ଏକ ଉଦଘାଟନୀ ତଥା ପୋଷାକ (ୟୁନିଫର୍ମ) ବଣ୍ଟନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଉପସ୍ଥିତ ଥିଲେ। ମାନ୍ୟବର ବିଧାୟକ ଏବଂ ଜିଲ୍ଲାପାଳ ପ୍ରଶିକ୍ଷାର୍ଥୀମାନଙ୍କୁ ଶତପ୍ରତିଶତ ଉପସ୍ଥାନ ସହିତ ତାଲିମ ସମ୍ପୂର୍ଣ୍ଣ କରିବାକୁ, ଏକାଗ୍ରତାର ସହ ନୂଆ। ଜିନିଷ ଶିଖିବାକୁ ଏବଂ ପରବର୍ତ୍ତୀ ସମୟରେ ଭଲ ଦରମାରେ ଚାକିରିରେ ଯୋଗଦେବାକୁ ଉତ୍ସାହିତ କରିଥିଲେୟ ରାଜ୍ୟ ଭିତରେ ହେଉ ବା ବାହାରେ, ଯେଉଁଠି ଭଲ ସୁଯୋଗ ମିଳିବ ସେଠାରେ ନିଯୁକ୍ତି ଗ୍ରହଣ କରିବାକୁ ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀମାନଙ୍କୁ ୟୁନିଫର୍ମ ଓ ପାଠ୍ୟ ଉପକରଣ ଆଦି ପ୍ରଦାନ କରାଯାଇଥିଲା।

ନବରଙ୍ଗପୁର ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ ଙ୍କ ସୂଚନା ଅନୁଯାୟୀ ଏହା ୫୦ ଦିନିଆ। ଏକ ଆବାସିକ ତାଲିମ, ଯେଉଁଠାରେ ମୋଟ ୨୯ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାଗଣା ରହିବା ଓ ଖାଇବା ସୁବିଧା ଯୋଗାଇ ଦିଆଯିବ। ତାଲିମ ସମାପ୍ତ ହେବା ପରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଏସ ଇ, ଆର୍ ଏଣ୍ଡ ବି କେ କନ୍ଧପାଣି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଏସ ଡି ଇ ଓ ଶୁଭମ ମହାପାତ୍ର ଉପସ୍ଥିତ ଥିଲେ।

ହୋଲି ଉତ୍ସବ ପାଳିଲେ ମେୟର

କଟକ, ୬।୩ (ନି.ପ୍ର): ଆଜିରଙ୍ଗ ଓ ଭାଇଚାରା ର ପର୍ବ ହୋଲି ଉତ୍ସବ କୁ କଟକ ମେୟର ଶ୍ରୀ ସୁବାସ ସିଂ ତାଙ୍କ ସରକାରୀ ବାସଭବନ ଠାରେ ବହୁ ଆଡମ୍ବର ଓ ଧୁମ ଧାମ ରେ ପାଳନ କରିଥିଲେ। କଟକ ସହର ରେ ହୋଲି ପର୍ବ କୁ ଜାତି ଧର୍ମ ବର୍ଣ, ଦଳ ବଳ, ଉର୍ଦ୍ଧରେ ରଖି କଟକବାସୀ ହୋଲି ଉତ୍ସବକୁ ଏକ ଭାଇଚାରା ର ପ୍ରତୀକ ଭାବରେ ପାଳନ କରିଥାନ୍ତି। ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟ , ସଂଗୀତ ର ତାଳେତାଳେ ମାନ୍ୟବର ମେୟର ଶ୍ରୀ ସୁବାସ ସିଂ ତାଙ୍କ ସରକାରୀ ବାସଭବନରେ, ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ସମସ୍ତ ବିଜୁ ଜନତା ଦଳ ୱାର୍ଡ ସଭାପତି, ୱାର୍ଡ ମହିଳା ସଭାପତି, ସହି ମୁରବି, ବହୁ ଆଇନଜୀବି, ସମାଜ ସେବୀ, ଯୁବ ଗୋଷ୍ଠି, ଛାତ୍ର ଛାତ୍ରୀ, ଜଗନ୍ନାଥ ସ୍ୱାଇଁ, ଦେବେନ୍ଦ୍ର ପାଣିଗ୍ରହୀ, କାଳିଚରଣ ପାଣିଗ୍ରହୀ, ଜନ ଆଶିଷ ବରାଳ, ସୌମେନ୍ଦ୍ର ସାହୁ, ଆଇନଜୀବି ସ୍ୱଦେଶ ଦାସ, ଅର୍ଧେନ୍ଦୁ ଶେଖର ମାଝୀ,ଦୀପ୍ତି ରଞ୍ଜନ ରାୟ, ବିଶ୍ୱନାଥ ଧୀର, ମିତାଲି ଭଞ୍ଜ, ସୌମ୍ୟ ଦର୍ଶନ ବେହେରା, ନନ୍ଦଲାଲ ସିଂ, ପ୍ରଦୀପ ବାରିକ, ସୁବୋଧ ସେଠି , ଦୀନବନ୍ଧୁ ରାଉତ, ମିହିର ରଞ୍ଜନ ସାହୁ ପ୍ରମୁଖ ଙ୍କ ଗହଣରେ ହୋଲି ଉତ୍ସବ ପାଳନ କରିଥିଲେ।

ଉଦୟଭାନୁ

ଯୋଡ଼ାରେ କଂଗ୍ରେସର ବିଶାଳ ଜନ ଅଧିକାର ସମାବେଶ

ଯୋଡ଼ା,୬।୩(ନି.ପ୍ର.): କେନ୍ଦୁଝର ଜିଲ୍ଲା ଯୋଡ଼ା ବନେଇକଳା ସ୍ଥିତ ଦୁର୍ଗା ପୂଜା ପଡିଆ ରେ କଂଗ୍ରେସ ଦେଇଥିବା ଯୋଡ଼ା ଚ଼ାଲ ଡାକରାରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ଦେଖିବାକୁ ମିଳିଛି ।ତେବେ ଏହି ସମାଗମ ରେ କେନ୍ଦ୍ରୀୟ ନେତା ପ୍ରଦେଶ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପ୍ରଦେଶ ଉପ ପ୍ରଭାରୀ ଏସ ଜୟ କୁମାର ଜେଠୁ, ରାଜ୍ୟ ପି ସି ସି ସଭାପତି ଭକ୍ତ ଚ଼ରଣ ଦାସ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ରାଜ୍ୟ ସାଧାରଣ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ, ଜିଲ୍ଲା ସମ୍ପାଦକ ଆଲୋକ ମିଶ୍ର ଯୋଡ଼ା ନଗର ସଭାପତି ସୁବ୍ରତ ନାୟକ ଏବଂ ବ୍ଲକ , ପଞ୍ଚାୟତ ଓ ମ୍ୟୁନିସିପାଲଟି ସ୍ତରୀୟ ବହୁ ଯୁବ ନେତା ସହ ବହୁ କଂଗ୍ରେସ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ । ମନୋଜ ଜେନା ଏହି ସଭା କୁ ସଭାପତିତ୍ୱ କରି କହିଥିଲେ ଯେ ବି ଜେ ଡି ସରକାର ୨୪ ବର୍ଷ ଧରି ଜନ ସାଧାରଣ ଙ୍କୁ ଶୋଷଣ ଏବଂ ପ୍ରଶାସନିକ ଅତ୍ୟାଚ଼ାର କରିଥିଲା ।ବି ଯେ ପି ସରକାର ମଧ୍ୟ ସେପରି ନୀତି ଆପଣାଇ ଜନ ମାରଣ ନୀତି ଧରିଛନ୍ତି । ସରକାର ଦୁଇ ବର୍ଷ ହେଲାଣି କେବଳ ବାହାସ୍ଫୋଟ ମାରିବା ବ୍ୟତୀତ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରୁନାହାନ୍ତି ବର୍ତ୍ତମାନ ର ସରକାର କେବଳ ଚ଼ାନ୍ଦା ଆଦାୟ କରି ଲୁଣ୍ଠନ କରି ଚ଼ାଲିଛନ୍ତି ବୋଲି ସୁବର୍ଣ୍ଣ ନାୟକ କହଛନ୍ତି । ରାଜ୍ୟ ଉପ ପ୍ରଭାରୀ କହିଛନ୍ତି ଯେ ଜନ ସାଧାରଣ ଙ୍କ ଅଧିକାର କୁ ସରକାର ଛଡ଼ାଇନେଉଛି ଏବଂ ଜଳ, ଜଙ୍ଗଲ ଓ ଜମି ର ଆଦିବାସୀ ଙ୍କ ଅଧିକାର କୁ ଛଡାଇ ନେଇ କର୍ପୋରେଟ ସଂସ୍ଥା ମାନଙ୍କ୍ ହିତରେ କାମ କରିବା ନୀତି କୁ ବିରୋଧ କରି ନିଜେ ନିଜର ଅଧିକାର ସାବ୍ୟସ୍ତ ପାଇଁ ସଜାଗ ରହ । ପୂର୍ବତନ ମନ୍ତ୍ରୀ ଯୟଦେବ ଜେନା କହିଲେ ଗରିବାରେ ୧ନଂ ଓଡ଼ିଶା, ତାହା ମଧ୍ୟରେ କେନ୍ଦୁଝର ଜିଲ୍ଲା ସବୁଠାରୁ ଗରିବ, ମୁଖ୍ୟ ମନ୍ତ୍ରୀ ମୋହନ ଚ଼ରଣ ମାଝି କହିଥିଲେ ସୁନାର ଓଡ଼ିଶା ଭଳି କେନ୍ଦୁଝର ଜିଲ୍ଲା କୁ ସୁନାର କେନ୍ଦୁଝର କରିବା ପାଇଁ, ହେଲେ ଆଜି ବହୁତ ଗଳିକନ୍ଦି ବୁଲି ଖୋଜିଛି ସୁନାର କେନ୍ଦୁଝର କୋଉଠି ପାଇଲି ନାହିଁ, ରାଜ୍ୟ ବାହାରୁ ଲୋକ ଆସି ଯିଏ କି ରାଜେଶ ଯଇଶ୍ୱାଲ ଖଣିରୁ ଯେଉଁ ଲୁଟ୍ କରୁଛି ତାହା ମୁଖ୍ୟ ମନ୍ତ୍ରି ମୋହନ ମାଝି ଙ୍କ ତବିଲ୍ କୁ ସିଧସଳଖ ଯାଉଛି, ରାଜେଶ ଯଇଶ୍ୱାଲ ଜିଲ୍ଲା ପ୍ରଶାସନକୁ ଉଠ ବସ୍ କରୁଛି କାହା ବଳରେ । ପିସିସି ସଭପତି ଭକ୍ତ ଚ଼ରଣ ଦାସ ପୂର୍ବ ବକ୍ତାଙ୍କ କଥା ଦୋହୋରେଇବା ସହିତ ରାହୁଲଗନ୍ଧିଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାକୁ ସର୍ବାଧିକ ଫୋକସ୍ କରିବାକୁ କହିଥିଲେ ।ଏହି ସଭାରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇ ଥିବାର ଦେଖିବାକୁ ମିଳିଥିଲା ।

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତିମୂଳକ ବୈଠକ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚ଼ନା ହୋଇଥିଲା ।ଏହି ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର " କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି। ଏହାର ପ୍ରତିଫଳନ ସ୍ୱରୂପ ଆଜି ୬.୩.୨୦୨୬ ରିଖ ସକାଳ ୮.୦୦ ଘ ସମୟରେ ଆର୍‌ସିଡି ଉତ୍କଳ ବିଦ୍ୟାଳୟ ଖେଳ ପଡିଆରେ ମହିଳାମାନଙ୍କ ପାଇଁ ଏକ ସାମୂହିକ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ଛାତ୍ରୀ, ମିଶନ ଶକ୍ତି କର୍ମୀ, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ସଦସ୍ୟମାନେ ଯୋଗ ଦେଇଥିଲେ ।ଯୋଗ ଅଭ୍ୟାସ ସମୟରେ ଛାତ୍ରୀମାନଙ୍କୁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ସଶକ୍ତ ମହିଳା ଗଠନ କରିବାରେ ସହାୟକ ହୁଏ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆଗାମୀ କାର୍ଯ୍ୟକ୍ରମରେ ଆସନ୍ତା କାଲି ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ,୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ ଏହି କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ, ଆତ୍ମନିର୍ଭରତା ଓ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଉଛି ।

ସଡକ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ପିପିଲି ୬।୩ –ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ପିପିଲିଥାନା ଦାଣ୍ଡମୁକୁନ୍ଦପୁର ଗ୍ରାମ୍ୟଛକ ଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତକ ମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ବିରିଡି ଥାନା ମଧ୍ୟଶାସନ ଗ୍ରାମର ସନ୍ତୋଷ କୁମାର ସାହୁ(୨୨) । ସେ ନିଜ ମାଆଙ୍କ ସହ ଭୁବନେଶ୍ୱର ମହତାବ ରୋଡ ଅଂଚ଼ଳରେ ରହୁଥିଲେ । ଅନ୍ୟ ଜଣେ ମୃତକଙ୍କ ସଠିକ ପରିଚ଼ୟ ମିଳିନଥିବାବେଳେ ତାଙ୍କ ନାମ ଗୁଲିଆ ଓ ସେ ଭୁବନେଶ୍ୱର ଭୀମଗାଙ୍ଗୀ ଅଂଚ଼ଳର ବୋଲି ସୂଚ଼ନା ମିଳିଛି । ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମୃତକଙ୍କ ପରିବାର ଲୋକ ପହଂଚ଼ିନଥିବାର ପୁଲିସ କହିଛି । ଗୁରୁତର ଅବସ୍ଥାରେ ଚ଼ିକିତ୍ସାଧିନ ଥିବା ଅନ୍ୟ ଜଣକ ହେଉଛନ୍ତି ସାଗର ମୂଳି । ସେ ମଧ୍ୟ ଭୁବନେଶ୍ୱରର ଓଲ୍ଡଟାଉନ ଅଂଚ଼ଳରେ ରହୁଥିବା ନେଇ ସୂଚ଼ନା ମିଳିଛି । ତିନିଜଣ ଯାକ ଗୋଟିଏ ବାଇକରେ ଯାଉଥିବା ବେଳେ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ ।

ସୂଚ଼ନା ଅନୁସାରେ, ଜାତୀୟ ରାଜପଥର ସଠସ କଟ୍ ଠାରେ ଗତକାଲି ରାତି ପ୍ରାୟ ଗୋଟାଏବେଳେ ଏକ ବାଇକ ଦୁର୍ଘଟଣା ଘଟିଥିବା ନେଇ ପୁଲିସ ଖବର ପାଇ ସେଠାରେ ପହଂଚ଼ି ସେଠାରୁ ତିନିଜଣଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣାଗ୍ରସ୍ତ ବାଇକର ନମ୍ବର(ଓଡି ୦୨ ଡିସି ୫୬୦୪) ଆଧାରରେ ପୁଲିସ ଗାଡି ମାଲିକଙ୍କ ଫୋନ ନମ୍ବରରେ ଯୋଗାଯୋଗ କରିଥିଲା । ଖବର ପାଇ ମୃତ ସନ୍ତୋଷଙ୍କ ପରିବାର ଲୋକ ପିପିଲି ଡାକ୍ତରଖାନାରେ ପହଂଚ଼ିଥିଲେ । ପୁଲିସ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଅନୁସନ୍ଧାନ ଜାରି ରଖିଛି । ଘଟଣା ସଂପର୍କରେ ମୃତ ସନ୍ତୋଷଙ୍କ ମାଆ ଅମିତା ସାହୁ(୪୬)ଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ୧୫୫/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚ଼ଳାଇଥିବା ଥାନା ଅଧିକାରୀ ସୌମେନ୍ଦ୍ରଶେଖର ତ୍ରିପାଠୀଙ୍କ ଠାରୁ ପ୍ରକାଶ । ସେହିପରି ସାତଶଂଖ ଫାଣ୍ଡି ଅଧିନରେ ଏକ କାର ଦୁର୍ଘଟଣା ଘଟି ୫ଜଣ ଆହତ ହୋଇଥିବା ବେଳେ ଆହତଙ୍କୁ ପ୍ରଥମେ ମଙ୍ଗଳପୁର ମେଡିକାଲ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ସାତଶଂଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡା ସୂଚ଼ନା ଦେଇଛନ୍ତି ।

ଚାଣ୍ଡାଲ ଡ୍ୟାମ୍‌କୁ ୬୦ ଲକ୍ଷ ୪୨ ହଜାର

ବଲାଙ୍ଗୀର,୬।୩(ନି.ପ୍ର.): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଆଗଲପୁର ବ୍ଲକ୍ ର କୁଟାସଂହା ଗ୍ରାମ ପଞ୍ଚାୟତ ର ଡୁଙ୍ଗୁରିପାଲି ଗ୍ରାମ ର ଚ଼ାଣ୍ଡାଲ ଡେମ୍ କୁ ଜଳ ସମ୍ପଦ ବିଭାଗରୁ ମିଳିଛି ୬୦ ଲକ୍ଷ ୪୨ ହଜାର ଟଙ୍କା ର ଅନୁଦାନ ।ଏହି ଡେମ୍ ର ଉନ୍ନତି କରଣ ହେଲେ ଡୁଙ୍ଗୁରିପାଲି,ତେନ୍ତୁଲିଗାଁ, କୁଟା ସିଂହା - କଣ୍ଟାପାଳି ର ୬୦ ହେକଟର ଜମିରେ ପାଣି ଲାଗିବ ।ତଳ ମୁଣ୍ଡର ଜମି ରେ ପାଣି ର ଜଳ ସ୍ତର ବଢିବ। ଏଠାରେ ସୂଚ଼ନା ଯୋଗ୍ୟ ଯେ, ପୂର୍ବରୁ ବିଧାୟକ ଡକ୍ଟର ମୁକେଶ ମହଲିଙ୍ଗ ଏହି ଡେମ୍ କୁ ପରିଦର୍ଶନ କରି ଜଳ ସମ୍ପଦ ବିଭାଗ କୁ ଶୀଘ୍ର ଅନୁଦାନ ଦେବା ପାଇଁ ଜଣାଇଥିଲେ । ବର୍ତ୍ତମାନ ୬୦ ଲକ୍ଷ ୪୨ ହଜାର ଟଙ୍କା ର ଅନୁଦାନ ମିଳିଥିବାରୁ ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ ତରଫରୁ ହୋଲି ଖେଳ ଉତ୍ସବରେ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଙ୍କୁ ଭେଟି ଶୁଭେଚ୍ଛା ଜଣାଇ ରଙ୍ଗର ଖେଳ ହୋଲି ମାନିଥିଲେ ଓ ଧନ୍ୟବାଦ୍ ଦେଇଥିଲେ ।ଏହି ଅବସରରେ ୱାଡ଼ ସଭ୍ୟ - ହିମାଂଶୁ ଧାରୁଆ,

ରସିକ ସାହୁ, ରାଧେଶ୍ୟାମ ବଡେଇ, ହରିବଲ ମହାରଣ, ଚ଼ଞ୍ଚଳ ଅମାତ, ହାଡୁ ଧାରୁଆ, ଦଧି ମହାକୁର, ଗୋପବନ୍ଧୁ ଛନ୍ଦ, ଅମିତ ଛନ୍ଦ, ଅଲେଖ ମେର୍ଲି, ଜନ୍‌ମେଜୟ ଛନ୍ଦ, ଘଡି କଳତା, ବୀରେନ୍ଦ୍ର ବେହେରା, କିଶୋର ତାଣ୍ଡି, ବ୍ୟାସ ଦେବ ବଢ଼ାଇ, ଅଜାମିଲ ନାଏକ, ପ୍ରାଣବନ୍ଧୁ ମହାକୁର ବିଧାୟକଙ୍କ ପ୍ରତିନିଧି ପିତାମ୍ବର କଣ୍ଢା ଉପଡଟିତଥିଲେ ।ଏହି ଚ଼ାଣ୍ଡାଲ ଡେମ୍ ର ଉନ୍ନତିକରଣ ପାଇଁ ପ୍ରମୋଦ ବଗର୍ତ୍ତି ମଧ୍ୟ ଦାବି ଜଣାଇଥିଲେ,୬୦ ଲକ୍ଷ ୪୨ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିବାରୁ ମାନ୍ୟବର କେବିନେଟ୍ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଙ୍କୁ ଅଞ୍ଚଳବସୀଙ୍କ ତରଫରୁ ଧନ୍ୟବାଦ୍ ଜଣାଇଛନ୍ତି ।

ସ୍ଥାନୀୟ ଯୁବ ଗୋଷ୍ଠିଙ୍କୁ ସାମର୍ଥ୍ୟ କରୁଛି ଜେଏସଡବ୍ଲୁ : ନବନିଯୁକ୍ତ ଯୁବକଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,୫।୩(ନି.ପ୍ର.):- ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଢିଙ୍କିଆ ରେ ଖୋଲାଯାଇଥିବା ଅନୁଷ୍ଠାନ ସମର୍ଥ ସ୍ଥାନୀୟ ଯୁବକ ଯୁବତୀଙ୍କ ଚ଼ାକିରି କ୍ଷେତ୍ରରେ ନୂତନ ସମ୍ଭାବନା ଆଣି ଦେଇଛି । ବିଶେଷ କରି ଗ୍ରାମୀଣ ଯୁବକ ଯୁବତୀଙ୍କ ପାଇଁ ବ୍ୟାଙ୍କିଂ ଏବଂ ସରକାରୀ ଚ଼ାକିରିରେ ପ୍ରବେଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି । ସମର୍ଥ ଯୁବ ବିକାଶ ଗ୍ରାମୀଣ ଛାତ୍ରମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବାରେ ସାହାଯ୍ୟ କରିଆସୁଛି । ଜଗତସିଂହପୁରର ଜିଲ୍ଲା ଏରାସମା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ସମର୍ଥ ଯୁବ ବିକାଶ କେନ୍ଦ୍ରର ଜଣେ ମେଧାବୀ ଛାତ୍ର ବଳରାମ ନାୟକ କଷ୍ଟମର ସର୍ଭିସ ଆସୋସିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କାନାରା ବ୍ୟାଙ୍କରେ ଗ୍ରାହକ ସେବା ସହଯୋଗୀ ଭାବରେ ମନୋନୀତ ହୋଇଛନ୍ତି । ଏହା ବ୍ୟତୀତ ସେ ଏସବିଆଇ ଜୁନିଅର ଆସୋସିଏଟ୍ ଏବଂ ଆରଆରବି ପରୀକ୍ଷାରେ ମଧ୍ୟ ମନୋନୀତ ହେବାକୁ ଆଶା ରଖିଥିବା ଶ୍ରୀ ନାୟକ କହିଛନ୍ତି ।

ସେ ୨୦୨୪ ମସିହାରେ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଥିଲେ ଏବଂ ଗୁରୁକୂଳ ଅଧ୍ୟାପକ ଏବଂ ପରିଚ଼ାଳନା ପକ୍ଷରୁ ଦୃଢ଼ ଶୈକ୍ଷିକ ସହାୟତା ସହିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ପ୍ରୋଜେକ୍ଟ ସମର୍ଥ ଅଧୀନରେ ପ୍ରଦାନ କରାଯାଇଥିବା ମାଗଣା ପ୍ରଶିକ୍ଷଣ,ଅଭ୍ୟାସ ପରୀକ୍ଷା ଏବଂ ମାର୍ଗଦର୍ଶନ ସାହାଯ୍ୟରେ ସଫଳ ହୋଇଥିବା କହିଛନ୍ତି । ଏ ନେଇ ଶ୍ରୀ ନାୟକ ଙ୍କୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ମୁଖ୍ୟ ଅଭିଜିତ ମହାନ୍ତି,ନରେନ୍ଦ୍ର ବାରିକ,ସିଦ୍ଧାର୍ଥ ଦେ,ଗୁରୁକୂଳ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସେ କହିଛନ୍ତି ଯେ ସିଏସଆର ତାଲିମ ସହାୟତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି ଏବଂ ନୂତନ ଛାତ୍ରମାନଙ୍କୁ ନିୟମିତ ଭାବରେ ଅଧ୍ୟୟନ କରିବାକୁ ଏବଂ ଶୃଙ୍ଖଳିତ ରହିବାକୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମର ଅନ୍ୟ ଛାତ୍ର ପ୍ରସନ୍ନ କୁମାର ସେଠି,ଗଣେଶ ଚ଼ନ୍ଦ୍ର ସେଠି,ସ୍ୱପ୍ନା ରାଉତ ଏବଂ ସଂଘମିତ୍ରା ବେହେରା ମଧ୍ୟ ଓଡ଼ିଶା ହୋମଗାର୍ଡର ମୁଖ୍ୟ ଏବଂ ଶାରୀରିକ ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଛନ୍ତି । ପୂର୍ବରୁ ୧୫ ଜଣ ଯୁବକ ଯୁବତୀ ବିଭିନ୍ନ ସରକାରୀ ସଂସ୍ଥା ରେ ଚ଼ାକିରି ପାଇଥିବା ସୂଚ଼ନା ମିଳିଛି ।

ଅସହାୟ ଭିନ୍ନକ୍ଷମଙ୍କୁ ଉଦ୍ଧାର ସହ ସାମାଜିକ ସୁରକ୍ଷା ଦାବି କଲେ ସ୍ନେହମୟୀ

ପାରାଦୀପ,୬।୩(ନି.ପ୍ର.): ପାରାଦୀପ ତଥା ସମଗ୍ର ଜଗତସିଂହପୁର ଜିଲ୍ଲାରେ ନିରବଚ୍ଛିନ୍ନ ଭାବେ ନିଶ୍ଚ,ଅସହାୟ ମାନସିକ ଭିନ୍ନକ୍ଷମ ଏବଂ ଅବହେଳିତ ବୃଦ୍ଧ ବାପା ମାଆ ଙ୍କୁ ଉଦ୍ଧାର, ଚ଼ିକିତ୍ସା ଓ ଥଇଥାନ କରି ସେବା ପ୍ରଦାନ କରି ଚ଼ର୍ଚ୍ଚାରେ ଥିବା ସମାଜସେବୀ ସ୍ନେହମୟୀ ଆଚ଼ାର୍ଯ୍ୟ ଏବଂ ତାଙ୍କ ସଂଗଠନ ବ୍ୟାସ ଫାଉଣ୍ଡେସନ ସ୍ୱତନ୍ତ୍ରତା ବଜାଇ ରଖିଛନ୍ତି । କିଛିଦିନ ତଳେ ଷଣ୍ଢକୁଦ ବସ୍ତିରେ ଜଣେ ବେସାହାରା ମାନସିକ ଭିନ୍ନକ୍ଷମ ଯୁବକକୁ କିଛି ଅସାମାଜିକ ବ୍ୟକ୍ତି ନିଷ୍ଠୁର ଭାବେ ପିଟୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚ଼ାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ ଓ ଯୁବ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ସମର୍ପିତ ସଭ୍ୟ ଶିଶିର କୁମାର କର ଓ ବଜରଙ୍ଗ ଦଳର ସମସ୍ତ ସଭ୍ୟମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ମାନସିକ ଯୁବକକୁ ଭେଟି ତାଙ୍କର ଆଶ୍ରୁ ଚ଼ିକିତ୍ସା କରାଇ ଜଟାଧାର ମୁହାଁଣ ଥାନାରେ ଲିଖିତ ଅଭିଯୋଗ କରି ଅପରାଧୀ ଙ୍କ ବିରୋଧରେ ଦୃଢ଼ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଥିଲେ । ତେବେ ପ୍ରଶାସନ ଏପରି ମାନସିକ ଭିନ୍ନକ୍ଷମ ଙ୍କ ସାମାଜିକ ସୁରକ୍ଷା ଲାଗି ପଦକ୍ଷେପ ନେବା ଆଶା କରି ଶ୍ରୀମତୀ ଆଚ଼ାର୍ଯ୍ୟ ବୁଧବାର ଦିନ ଷଣ୍ଢକୁଦ ବସ୍ତିରେ ପହଞ୍ଚି ଏହି ଭିନ୍ନକ୍ଷମ ଯୁବକକୁ ଉଦ୍ଧାର କରି ତାର ଚ଼ିକିତ୍ସା ଓ ଥଇଥାନ ପାଇଁ ପୁରୀର କଣାସ ଠାରେ ଥିବା ନୀଳାଞ୍ଚଳ ସେବା ପ୍ରତିଷ୍ଠାନରେ ଅବସ୍ଥାପିତ କରିଛନ୍ତି । ସେହିପରି ବନ୍ଦର ସହରର ବିଭିନ୍ନ ସ୍ଥାନରୁ ଆଉ ଚ଼ାରି ଜଣ ଭିନ୍ନକ୍ଷମ ଙ୍କୁ ଉଦ୍ଧାର କରାଯାଇ କଣାସ ସେବାଶ୍ରମରେ ଅବସ୍ଥାପିତ କରାଯାଇଥିବା ଶ୍ରୀମତୀ ଆଚ଼ାର୍ଯ୍ୟ ଙ୍କ ଠାରୁ ପ୍ରକାଶ । ତେବେ ବନ୍ଦର ସହର ପାରାଦୀପରେ ଅସହାୟ ମାନସିକ ଭିନ୍ନକ୍ଷମ ସଂଖ୍ୟା ବୃଦ୍ଧି ପ୍ରଶାସନ ପାଇଁ ଏକ ଚ଼ିନ୍ତାର ବିଷୟ ହୋଇପଡିଥିବା ବେଳେ ସ୍ନେହମୟୀ ଆଚ଼ାର୍ଯ୍ୟ ଏମାନଙ୍କ ପାଇଁ ସାହାରା ପାଲଟି ସେମାନଙ୍କୁ ଉଦ୍ଧାର କରିବା ବେସ ପ୍ରଶଂସନୀୟ କାର୍ଯ୍ୟ । ଅନ୍ୟପକ୍ଷରେ ଏପରି ନିସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ସ୍ନେହମୟୀ ଆଚ଼ାର୍ଯ୍ୟ ଙ୍କୁ ସର୍ବୋଚ଼ଚ଼ ରାଷ୍ଟ୍ରପତି ସମ୍ମାନ ପ୍ରଦାନ ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି ।

ମଣିଷକୁ ନିଜର କରି ଟଙ୍କାକୁ ପର କରିବାକୁ ଠାକୁରଙ୍କର୍ ଆହ୍ୱାନ

ଜଗତସିଂହପୁର,୬।୩(ନି.ପ୍ର.): ମଣିଷ କୁ ନିଜର କରି ଟଙ୍କା କୁ ପର କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚ଼ନ୍ଦ୍ର ମାନବ ଜାତିକୁ ପରକ୍ଷମର୍ଶ ଦେଇଛନ୍ତି ବୋଲି ପୁରୁଣା ବସନ୍ତ ଗ୍ରାମ ପଞ୍ଚାୟତ ର ଆନନ୍ଦପୁର୍ ଗ୍ରାମରେ ଅନୁଷ୍ଠିତ ସତସଙ୍ଗ ରେ ରଘୁନାଥପୁର ସତସଙ୍ଗ ଉପ ଯୋଜନା କେନ୍ଦ୍ର ର ତତ୍ତ୍ୱାବଧାରକ ବିଜୟ କୁମାର ସ୍ୱାଇଁ ଯୋଗ ଦେଇ ଏହା କହିଥିଲେ ଶ୍ରୀ ସ୍ୱାଇଁ ଆହୁରି କହିଲେ ଯେ ପ୍ରତ୍ୟେକ ପୁଅ ଝିଅ ମାନେ ପିତା ମାତା ଙ୍କୁ ସର୍ବଦା ଖୁସି ଓ ଆନନ୍ଦ ରେ ରଖିବା ସହିତ ସେମାନଙ୍କର ନିର୍ଦ୍ଦେଶ କୁ ଅକ୍ଷରେ ଅକ୍ଷରେ ପାଳନ ପାଳନ କରିବା ସେମାନଙ୍କର ପ୍ରଧାନ କାର୍ଯ୍